ବର୍ଷ-୨୬, ସଂଖ୍ୟା-୬୬
ଭୁବନେଶ୍ୱର
୧୦, ମାର୍ଚ୍ଚ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 66
Bhubaneswar
10, March, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ଆକଳନ ଅନୁସାରେ ରାଜ୍ୟର ନେଟ୍ ଋଣ କମ ରହୁଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୯।୩(ମହାଭାରତ) : ବଜେଟରେ ଅଧିକ ଋଣର ଆକଳନ କରାଯାଉଛି, ମାତ୍ର ନେଟ୍ ଋଣ କମ ରହୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ବିଧାନସଭାରେ ଉତ୍ତର ଦେଇଛନ୍ତି। ସୋମବାର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି- ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର (ଢ଼ଯସଗ୍ସଷବ ଉରଭଗ୍ସ) ୧ ଲକ୍ଷ ୫୫, ୭୧୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ବଜେଟରେ ଆକଳନ କରାଯାଇଛି। କିନ୍ତୁ ଋଣ କେତେ ପରିମାଣରେ ଅଣାଯିବ ୨୦୨୬-୨୭ ଆର୍ଥିକ ବର୍ଷର ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ଉପରେ ନିର୍ଭର କରିବ।

ଯେମିତି ୨୦୨୫-୨୬ ଆର୍ଥିକ ବର୍ଷରେ (ଅର୍ଥାତ୍, ମାର୍ଚ୍ଚ ୨୦୨୬ ଶେଷ ସୁଦ୍ଧା) ବଜେଟ ଅଟକଳରେ ନେଟ୍ ୩୪,୨୦୦ କୋଟି ଟଙ୍କା ଋଣ କରାଯିବ ବୋଲି ଆକଳନ କରାଯାଇଥିବାବେଳେ ସିଏଜିଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଚ଼ଳିତ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ନେଟ୍ ମାତ୍ର ୭,୦୯୭.୨୬ କୋଟି ଟଙ୍କାର ଋଣ ଅଣାଯାଇଛି। ଏହି ଧାରା ଜାରି ରହିଲେ, ବଜେଟ ଆକଳନଠାରୁ ଋଣର ପରିମାଣ ଯଥେଷ୍ଟ କମ୍ ରହିବ।

ଫେବ୍ରୁଆରୀ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମାଝୀ ୨୦୨୬-୨୭ ପାଇଁ ୩ କୋଟି ୧୦ ଲକ୍ଷ ଟଙ୍କାର ବଜେଟ ଉପସ୍ଥାପନ କଲାବେଳେ ନେଟ୍ ୪୭ ହଜାର ୮୦୦ କୋଟି ଋଣ



କରିବେ ବୋଲି ଆକଳନ କରାଯାଇଛି। ସରକାର ଆୟ ତୁଳନାରେ ଋଣ କମ୍ କରିବା ପାଇଁ କି ପଦକ୍ଷେପ ନେଉଛନ୍ତି ତାହା ସେହି ଉତ୍ତରରେ ଦର୍ଶାଇଛନ୍ତି। -ରାଜସ୍ୱ ବଳକା ସୃଷ୍ଟି କରି ଋଣ ଉପରେ ନିର୍ଭରଶୀଳତା ହ୍ରାସ କରିଛନ୍ତି।ଅଧିକ ରାଜସ୍ୱ ଆଦାୟ ପାଇଁ ସବୁ ବିଭାଗକୁ ଠିକ୍ ପଦକ୍ଷେପ ନେବାକୁ କହିଛନ୍ତି। ଉଚ୍ଚ଼ ସୁଧ ହାର ବିଶିଷ୍ଟ ଋଣକୁ ଆଗୁଆ ପଇଠ କରୁଛନ୍ତି।

ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚ଼ାଳନା ଆଇନ (ରଜଈଗ ଇମଗ୍ଧ-୨୦୦୫) ଭିତରେ ରହି ଋଣ ଆଣୁଛନ୍ତି। ଏହି ଋଣକୁ କେବଳ ଭିତ୍ତିଭୂମି ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଯଥା- ରାସ୍ତା, ଜଳସେଚ଼ନ, ବିଦ୍ୟାଳୟ, ଡାକ୍ତରଖାନା ଓ ଆନ୍ୟାନ୍ୟ ସାର୍ବଜନୀନ ସୁବିଧା ଭଳି ଭିତ୍ତିଭୂମିରେ ନିବେଶ କରାଯାଇଥାଏ, ଯାହାକି ରାଜ୍ୟର ସାମଗ୍ରିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଏହା ନିଯୁକ୍ତି ସୃଷ୍ଟି କରେ, ଫଳସ୍ୱରୂପ ଲୋକଙ୍କ ଆୟ ସ୍ତର ବୃଦ୍ଧି ପାଏ, ଯାହାକି ସେମାନଙ୍କ କ୍ରୟ ଶକ୍ତି ଏବଂ ସାମାଗ୍ରିକ ଜବୀନଧାରଣ ମାନକୁ ବୃଦ୍ଧି କରେ।ସୋମବାର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଅନ୍ୟ ଏକ ପ୍ରଶ୍ନରେ ଗତ ଦଶ ବର୍ଷରେ ଓଡିଶାର ଋଣ ଭାର ସଂପର୍କରେ ଏକ ତୁଳନାତ୍ମକ ଚ଼ିତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ୨୦୧୫-୧୬ ଆର୍ଥିକ ବର୍ଷରେ ଓଡିଶାର ଋଣ ଭାର ୫୨,୦୧୭ କୋଟି ଟଙ୍କା ଥିଲା। ସେତେବେଳେ ମୁଣ୍ଡ ପିଛା ଋଣ ଭାର ଥିଲା ୧୧,୮୭୬ ଟଙ୍କା। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶାର ଋଣ ଭାର ୧,୨୦,୭୧୦ ଟଙ୍କା ଥିଲା ଓ ମୁଣ୍ଡ ପିଛା ଋଣ ଭାର ୨୫,୮୨୮ରେ ପହଞ୍ଚିଥିଲା। ସେହିଭଳି ୨୦୧୫-୧୬ରେ ଓଡିଶାର ମୁଣ୍ଡ ପିଛା ଆୟ ୬୪,୮୩୫ ଟଙ୍କା ଥିବାବେଳେ ୨୦୨୪-୨୫ରେ ମୁଣ୍ଡ ପିଛା ଆୟ ୧,୮୨,୫୪୮ ଟଙ୍କାରେ ପହଞ୍ଚିଥିଲା।

ଏଥର ସାଧାରଣ ବଜେଟ ପୂର୍ବରୁ ବିଧାନସଭାରେ ଉପସ୍ଥାପିତ ଆର୍ଥିକ ସର୍ବେକ୍ଷଣ ରିପୋର୍ଟ-୨୦୨୫-୨୬କୁ ଦେଖିଲେ, ୨୦୨୩-୨୪ରେ ଦେଶର ୧୭ଟି ପ୍ରମୁଖ ରାଜ୍ୟ ଭିତରେ ଓଡିଶାର ମୁଣ୍ଡ ପିଛା ଆୟ ୧୧ ନମ୍ବର ସ୍ଥାନରେ ଥିଲା। ଓଡିଶାର ମୁଣ୍ଡ ପିଛା ଆୟ ୧,୫୫,୧୨୫ ଟଙ୍କା ଥିବାବେଳେ ଏକ ନମ୍ବରରେ ଥିଲା ତେଲେଙ୍ଗାନା। ତେଲେଙ୍ଗାନାର ମୁଣ୍ଡ ପିଛା ଆୟ ଥିଲା ୩,୪୭,୭୧୪ ଟଙ୍କା। ଏବେ ବି ମୁଣ୍ଡ ପିଛା ଆୟରେ ଜାତୀୟ ହାରକୁ ଛୁଇଁବାକୁ ଉଦ୍ୟମ କରୁଛି ଓଡିଶା।

## ୧୭ କଏଦୀ ଏବେବି ଫେରାର

ଭୁବନେଶ୍ୱର,୯।୩(ମହାଭାରତ.): ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା କିପରି ଥିଲା ହୋଇଯାଇଛି, ତାହା ଦର୍ଶାଉଛି ହୋଇଛି କଏଦୀଙ୍କ ସମ୍ପର୍କରେ ଗୃହରେ ବିସ୍ତୃତ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ରାଜ୍ୟର ବିଭିନ୍ନ ଜେଲରୁ ଏବେବି ୧୭ ଜଣ କଏଦୀ ଫେରାର ଥିବା ଜଣାପଡିଛିୟ



ଏହି ଫେରାର କଏଦୀ ମଧ୍ୟରେ ଜଣେ ହାର୍ଡକୋର କଏଦୀ ରହିଛି, ଯିଏ ଗତ ଅକ୍ଟୋମ୍ବର ମାସରେ ଚୌଦ୍ୱାର ଜେଲରୁ ଫେରାର ହୋଇଯାଇଛି। ଏହିପରି ଭାବେ ଅନେକ କଏଦୀ ଜେଲ କାନ୍ଥ ଡେଇଁ ଫେରାର ହୋଇଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟର ୮୬ ଜେଲ୍ ରେ ଅଛନ୍ତି ମୋଟ ୧୮ ହଜାର ୧୭୬ ଜଣ କଏଦୀୟ ସେଥିରୁ ୧୪ ହଜାର ୪୦ ଜଣ ବିଚାରାଧୀନ ଥିବାବେଳେ ୪ ହଜାର ୧୩୬ ଜଣ ଦଣ୍ଡ ପାଇଛନ୍ତି।

ଗତ ୫ ବର୍ଷ ଭିତରେ ବିଭିନ୍ନ ଜେଲ୍ ରୁ ୪୪ କଏଦୀ ଫେରାର୍ ହୋଇଥିଲେୟ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ଗିରଫ କରାଯାଇଛି। ଏବେବି ୧୭ଜଣ ଫେରାର ରହିଛନ୍ତି। ଏନେଇ ଗୃହରେ ଲିଖିତ ଉ ର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀୟ ମୁଖ୍ୟମନ୍ତ୍ରୀଙ୍କଏହି ତଥ୍ୟ ପରେ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା କିପରି ଢିଲା ହୋଇଯାଇଛି, ତାହା ଦର୍ଶାଉଛି।

ସେହିପରି ଓଡ଼ିଶାର ପ୍ରଶାସନିକ ପ୍ରାଣକେନ୍ଦ୍ର କୁହାଯାଉଥିବା ସଚିବାଳୟରେ ଏବେ ଅଧିକାରୀଙ୍କ ଘୋର ଅଭାବ ଦେଖାଦେଇଛି । ବିଧାନସଭାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉ ର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ସଚିବାଳୟର ବିଭିନ୍ନ ବର୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛ। ସବୁଠାରୁ ଅଧିକ ୩୬୫ଟି ଉପବିଭାଗ ଅଧିକାରୀ (Section Officer) ଏବଂ ୩୪୮ଟି ସହକାରୀ ଉପବିଭାଗ ଅଧିକାରୀ (ASO) ପଦବୀ ଶୂନ୍ୟ ରହିଛି। ଏହା ବ୍ୟତୀତ ୧୦୫ ଜଣ ଅନୁଶାସନ ସଚିବ, ଜଣେ ଅତିରିକ୍ତ ଶାସନ ସଚିବ, ୨ ଜଣ ଯୁଗ୍ମ ଶାସନ ସଚିବ, ୨ ଜଣ ଉପ ଶାସନ ସଚିବ ଏବଂ ୪ ଜଣ ଡେସ୍କ ଅଫିସରଙ୍କ ପଦବୀ ମଧ୍ୟ ପୂରଣ ହୋଇନାହିଁ।

ଏତେ ସଂଖ୍ୟକ ପଦବୀ ଖାଲି ରହିବା ଫଳରେ ସରକାରୀ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ବାଧା ସୃଷ୍ଟି ହେବା ସହ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ଚାପ ବଢୁଛି। ପ୍ରଶାସନିକ ସ୍ୱଚ୍ଛତା ଓ ସରକାରୀ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଏହି ଶୂନ୍ୟସ୍ଥାନଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ଏବେ ନୂତନ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଯଦି ଏହି ପଦବୀଗୁଡ଼ିକ ଶୀଘ୍ର ପୂରଣ ନହୁଏ, ତେବେ ସଚିବାଳୟର ଗତିଶୀଳତା ପ୍ରଭାବିତ ହେବାର ସମ୍ଭାବନା ରହିଛି ।

## ଦୁଇ ଦୁର୍ଘଟଣାରେ ୫ ବାଇକ ଆରୋହୀ ମୃତ

ସୁନ୍ଦରଗଡ଼/ସମ୍ବଲପୁର୯।୩(ମହାଭାରତ) ::କଣ୍ଟେନର-ବାଇକ୍ ମୁହାଁମୁହିଁ ଧକ୍କା। ତିନି ବାଇକ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ। ବାଇକ୍ ଓ କଣ୍ଟେନର ମଧ୍ୟରେ ଧକ୍କା ପରେ ଲାଗି ଯାଇଥିଲା ନିଆଁ। ନିଆଁରେ ଜଳି ଯାଇଛି କଣ୍ଟେନର ଓ ବାଇକ୍। ଏହି ଦୁର୍ଘଟଣାଟି ଘଟିଛି ସମ୍ବଲପୁର ଜିଲ୍ଲା ଜମନକିରା ଥାନା ପିଠାମାରେନରେ।

୫୩ ନମ୍ବର ଜାତୀୟ ରାଜପଥରେ ତିନି ଜଣ ଯୁବକ ବାଇକ୍‌ରେ ଜମନକିରା



ପଟରୁ ସମ୍ବଲପୁର ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହିତ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ତିନି ଯୁବକ ରାସ୍ତାରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଗୁଡିକୁ ଡାକ୍ତରଖାନା ପଠାଇଥିଲେ। ମୁହାଁମୁହିଁ ଧକ୍କା ପରେ ବାଇକଟି କଣ୍ଟେନରର ଚ଼କା ତଳେ ଚ଼ାପି ହୋଇ ରହିଯାଇଥିଲା। ଦୁର୍ଘଟଣା ଘଟିବା ପରେ ପ୍ରଥମେ ବାଇକ୍‌ରେ ନିଆଁ ଲାଗି ଯାଇଥିଲା। ତା'ପରେ କଣ୍ଟେନରରେ ନିଆଁ ଲାଗି ଯାଇଥିଲା।ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଣ୍ଟେନରର ସମ୍ମୁଖ ଭାଗ ପୋଡି ଯାଇଛି। ତେବେ ବାଇକଟି ସଂପୂର୍ଣ୍ଣ ଜଳି ଯାଇଛି। ଖବର ଲେଖାଯିବା ସୁଦ୍ଧା ମୃତକମାନଙ୍କ ପରିଚ଼ୟ ସ୍ପଷ୍ଟ ହୋଇପାରିନାହିଁ।

ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥର ଅଜଣାରେ ଗାଡ଼ି ଧକ୍କାରେ ଦୁଇ ଜଣ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି । ଜଣଙ୍କ ଅବସ୍ଥା ଗୁରୁତର ରହିଛି । କାହାର ପରିଚୟ ମିଳିପାରିନଥିବାବେଳେ ସମସ୍ତେ ଋଦିପୋଷ ଓ କେବଲାଙ୍ଗ ଅଂଚଳର ବୋଲି କୁହାଯାଉଛି।

## ମଧ୍ୟପ୍ରାଚ୍ୟ ସଙ୍କଟ ନେଇ ସଂସଦରେ ଆଲୋଚନା

ନୂଆଦିଲ୍ଲୀ,୯।୩(ମହାଭାରତ) : ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସୋମବାର ରାଜ୍ୟ ସଭାରେ କହିଛନ୍ତି, ସରକାର ଏହି ଅ ଳରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତିୟ ଭାରତ ଚାହେଁ ଯେ, ଏହି ସଙ୍କଟର ସମାଧାନ କୂଟନୀତି ଓ ଆଲୋଚନା ମାଧ୍ୟମରେ ହେଉ।

ଭାରତ କେବେ ଯୁଦ୍ଧକୁ ସମର୍ଥନ କରେ ନାହିଁୟ ସେ କହିଛନ୍ତି, ଉପସାଗରୀୟ ଦେଶଗୁଡ଼ିକରେ ପରିସ୍ଥିତି ଉତେ ଜନାପୂର୍ଣ୍ଣ ରହିଛିୟ ଭାରତ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତିୟ ଏହି ସଂଘର୍ଷରେ ଘଟିଥିବା ଲୋକଙ୍କ ଜୀବନହାନି ଯୋଗୁଁ ଭାରତ ଦୁଃଖିତୟ ଆମେ ସମସ୍ତ ପକ୍ଷଙ୍କୁ ଶାନ୍ତି ପାଇଁ ନିବେଦନ କରୁଛୁୟ ଏହି ସଂଘର୍ଷ ସାଧାରଣ ଜୀବନ ଏବଂ ବ୍ୟବସାୟକୁ ପ୍ରଭାବିତ କରୁଛିୟ ଇରାନରେ ଫସି ରହିଥିବା ଭାରତୀୟମାନଙ୍କୁ ବାହାର କରିବା ପାଇଁ ତେହେରାନରେ ଥିବା ଭାରତୀୟ ଦୂତାବାସ କାର୍ଯ୍ୟ କରୁଛିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତିୟ ଶକ୍ତି ଆବଶ୍ୟକତା ଉପରେ ଏହି ସଂଘର୍ଷର ପ୍ରଭାବ ବିଷୟରେ ଭାରତ ସତର୍କ ରହିଛିୟ ସମସ୍ତ ବିଭାଗ ଆଲର୍ଟ ମୋଡ୍ରେ ରଖାଯାଇଛିୟ

ଏସ. ଜୟଶଙ୍କର କହିଛନ୍ତି, ସଂଘର୍ଷ ଭାରତ ପାଇଁ ବିଶେଷ ଚିନ୍ତାର ବିଷୟୟ ଆମେ ଏକ ପଡ଼ୋଶୀ ଅ ଳ, ଏବଂ ପଶ୍ଚିମ ଏସିଆରେ ସ୍ଥିରତା ବଜାୟ ରଖିବା ଆମର ଦାୟିତ୍ୱୟ ଏକ କୋଟି ଭାରତୀୟ ଉପସାଗରୀୟ ଦେଶଗୁଡ଼ିକରେ ରୁହନ୍ତି ଏବଂ କାମ କରନ୍ତିୟ କିଛି ହଜାର ଭାରତୀୟ ମଧ୍ୟ ଅଧ୍ୟୟନ କିମ୍ବା ନିଯୁକ୍ତି ପାଇଁ ଇରାନରେ ଅଛନ୍ତି । ଏହି ଅ ଳ ଆମର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତୈଳ ଓ ଗ୍ୟାସ୍ର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଗାଣକାରୀ ଏଠାରେ ରହିଛନ୍ତି। ସଙ୍କଟ ଯୋଗୁ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହୋଇଛି।

## ଲୁଟେରା ଝାମ୍ପି ନେଲେ ୨ ଲକ୍ଷ ଟଙ୍କା

ରାୟଗଡା ,୯।୩(ମହାଭାରତ): ରାୟଗଡା ସହରରେ ଦିନକୁ ଦିନ ଚୋରି ଓ ଡକାୟତି ଘଟଣା ବଢ଼ିବାରେ ଲାଗିଛି। ଆଜି ଦିନ ପ୍ରାୟ ୧୨ଟା ବେଳେ ସହରର କପିଳାସ ରାସ୍ତାରେ ଏକ ଲୁଟ୍ ହୋଇଛି।ସୂଚ଼ନା ଅନୁଯାୟୀ, କପିଳାସ ରାସ୍ତାର ଥିବା ଏକ ଇଲେକ୍‌ଟ୍ରୋନିକ୍ସ ଶୋ'ରୁମ କୋଷାଧ୍ୟକ୍ଷ ରଂଜିତ କୁମାର ଦଳାଇ ନିକଟସ୍ଥ ବ୍ୟାଙ୍କକୁ ୨ ଲକ୍ଷ ଟଙ୍କା ଜମା କରିବା ପାଇଁ ଯାଉଥିଲେ। ସେତିକି ବେଳେ କିଛି ଦୁର୍ବୃତ୍ତ ପଛ ପଟୁ ବାଇକ୍‌ରେ ଆସି ତାଙ୍କ ଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ନେଇ ଚ଼ମ୍ପଟ ମାରିଥିଲେ।ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ରାୟଗଡା ଜିଲ୍ଲା ସଦର ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ସିସିଟିଭିଗୁଡିକୁ ଯାଞ୍ଚ କରାଯାଉଛି। ତେବେ ପୁଲିସ୍ କିମ୍ବା ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଇରାନର ୨୫ ହସ୍ପିଟାଲ କ୍ଷତିଗ୍ରସ୍ତ, ଗଲାଣି ୧୨୦୦ରୁ ଅଧିକ ଜୀବନ

ନୂଆଦିଲ୍ଲୀ,୯।୩: ୮ ଦିନର ଯୁଦ୍ଧରେ ଇରାନର ସାଧାରଣ ଲୋକଙ୍କୁ ଧ୍ୱଂସଲୀଳାର ସାମ୍ନା କରିବାକୁ ପଡିଛି। ଏପରି କିଛି ଲେଖିଛନ୍ତି ଇରାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ହୁସେନ କେରମେନପୌର। ଏଥିସହ ଆମେରିକା-ଇସ୍ରାଏଲ ଏୟାରଷ୍ଟ୍ରାଇକ କରି କେମିତି ଜୀବନ ଓ ଭିତ୍ତିଭୂମିକୁ ନଷ୍ଟ କରି ଚ଼ାଲିଛନ୍ତି, ତା'ର ବିସ୍ତୃତ ତଥ୍ୟ ମଧ୍ୟ ଦେଇଛନ୍ତି।



ତାଙ୍କ କହିବା କଥା ଯେ ଇସ୍ରାଏଲ ଓ ଆମେରିକା ଏୟାର ଷ୍ଟ୍ରାଇକ ଯୋଗୁ ୧୦ ହଜାରରୁ ଅଧିକ ସାଧରଣ ଲୋକ ଆହତ ହୋଇଛନ୍ତି। ୧୨ ଶହରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ଏମାନଙ୍କ ମଧ୍ୟରେ ରହିଛନ୍ତି ୧୨ ବର୍ଷରୁ କମ ୨୦୦ ଶିଶୁ। ସେହିପରି ପ୍ରାୟ ୨୦୦ ମହିଳା ମଧ୍ୟ ପ୍ରାଣ ହରାଇଛନ୍ତି। ଆକ୍ରମଣ ଆରମ୍ଭ ହେବା ଦିନ ଠାରୁ ଇତି ମଧ୍ୟରେ ୧୪୦୦ରୁ ଅଧିକ ମହିଳା ଆହତ ହୋଇଥିବା ମଧ୍ୟ ସେ କହିଛନ୍ତି।

ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ବିବାଦ ଇରାନର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ମଧ୍ୟ ସାଂଘାତିକ ପ୍ରଭାବ ପକାଇଛି। କେରମେନପୌର କହିଛନ୍ତି ଯେ ଏୟାର ଷ୍ଟ୍ରାଇକରେ ୨୫ଟି ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି। ଏହା ମଧ୍ୟରୁ ୯ଟିରେ ସେବା ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ୧୮ଟି ପ୍ରି ହସ୍ପିଟାଲ ବେସ ଓ ୧୪ଟି ଆମ୍ବୁଲାନ୍ସ ଧ୍ୱଂସ ହୋଇଛି। ଅତିରିକ୍ତ ଭାବେ ୨ଟି କାଉଣ୍ଟୀ ସ୍ୱାସ୍ଥ୍ୟ କେନ୍ଦ୍ର, ୧୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୨ଟି ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ର ଏୟାରଷ୍ଟ୍ରାଇକରେ ନଷ୍ଟ ହୋଇଯାଇଥିବା ସେ ସୂଚ଼ନା ଦେଇଛନ୍ତି।

ଇରାନର ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରଭାବିତ ହେଉଥିବାରୁ ଏହାକୁ ନେଇ ଚ଼ିନ୍ତା ପ୍ରକଟ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ହୁ'ର ମହାନିର୍ଦ୍ଦେଶକ ଟେଡ୍‌ରୋସ ଅଧନୋମ ଘେବ୍ରେୟସ କହିଛନ୍ତି ଯେ ଇରାନ ଓ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ବିବାଦ ୧୦୦୦ରୁ ଅଧିକ ଲୋକ ଜୀବନ ନେଇ ସାରିଥିବା ବେଳେ ୧ ଲକ୍ଷ ଲୋକଙ୍କୁ ବିସ୍ଥାପିତ କରିଛି। ୧୬ଟି ଦେଶର ଲୋକମାନେ ଏହାଦ୍ୱାରା ପ୍ରଭାବିତ ହୋଇଥିବା ସେ କହିଛନ୍ତି।

ତାଙ୍କ କହିବା କଥା ଯେ ଇରାନର ୧୩ଟି ଓ ଲେବାନନର ଗୋଟିଏ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ହମଲା ହୋଇଥିବା ହୁ' ଜାଣିବାକୁ ପାଇଛି। ସ୍ୱାସ୍ଥ୍ୟ ସମ୍ପଦ ଉପରେ ହମଲା ମାନବୀୟ ଆଇନର ଉଲ୍ଲଘଂନ ବୋଲି ସେ କହିଛନ୍ତି।

## ଶୃଙ୍ଖଳାଗତ ତଦନ୍ତରେ ଅବହେଳା ପଡିବ ମହଙ୍ଗା

### ୩୧ ସୁଦ୍ଧା ରିପୋର୍ଟ ଦେବାକୁ ତାଗିଦ୍

ଭୁବନେଶ୍ୱର,୯।୩(ମହାଭାରତ): ବିଭିନ୍ନ ବିବାଦ ଓ ଅଭିଯୋଗରେ ଛନ୍ଦି ହୋଇଥିବା ରାଜ୍ୟ ପ୍ରଶାସନିକ ସେବାର ଅଫିସରମାନଙ୍କ ବିରୁଦ୍ଧରେ ଚ଼ାଲିଥିବା ଶୃଙ୍ଖଳାଗତ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ପ୍ରଶାସନିକ ସେବା(ଓଏଏସ) କନିଷ୍ଠ ବର୍ଗ ଓ ଓଡିଶା ରାଜସ୍ୱ ସେବା(ଓଆରଏସ)ର ଅଫିସରମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବୟେକା ଥିବା ତଦନ୍ତ ରିପୋର୍ଟକୁ ଶୀଘ୍ର ଦାଖଲ କରିବାକୁ ତଦନ୍ତକାରୀ ଅଫିସରମାନଙ୍କୁ ତାଗିଦ୍ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ବିଭାଗ ସଚ଼ିବ ଅରବିନ୍ଦ ପାଢୀ।

ଚ଼ଳିତମାସ ୩୧ ତାରିଖ ସୁଦ୍ଧା ସମସ୍ତ ବକେୟା ତଦନ୍ତ ରିପୋର୍ଟ ଦାଖଲ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ତଦନ୍ତକାରୀ ଅଫିସର ଏହି କାର୍ଯ୍ୟରେ ଅବହେଳା କରନ୍ତି ସେମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାଢ଼ୀ ସତର୍କ କରାଇ ଦେଇଛନ୍ତି। ଏନେଇ ସେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ପୁରୀ, ସମ୍ବଲପୁର,ସୋନପୁର, କନ୍ଧମାଳନ ଜିଲ୍ଲାର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, କଟକ ଓ ସମ୍ବଲପୁର ଆରଡିସିଙ୍କ ସଚ଼ିବଙ୍କୁ ନିକଟକୁ ଚ଼ିଠି ଲେଖିଛନ୍ତି।

ଶ୍ରୀ ପାଢ଼ୀ ତାଙ୍କ ଚ଼ିଠିରେ ଦର୍ଶାଇଛନ୍ତି ଯେ, ତଦନ୍ତକାରୀ ଅଫିସର ନିଯୁକ୍ତି ତାରିଖରୁ ୯୦ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ବକେୟା ଥିବା ମାମଲା ନିମନ୍ତେ ସମ୍ପୃକ୍ତ ଅଫିସରମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାରେ ଅନାବଶ୍ୟକ ବିଳମ୍ବ ହେଉଛି। ତେଣୁ ସମସ୍ତ ବକେୟା ମାମଲାକୁ ପ୍ରାଥମିକତା ଆଧାରରେ ତଦନ୍ତ କରି ଚ଼ଳିତମାସ ୩୧ ତାରିଖ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

କେବଳ ସେତିକି ନୁହେଁ, ଯଦି ତଦନ୍ତକାରୀ ଅଫିସର ଏଦିଗରେ ଅବହେଳା କିମ୍ବା ଖିଲାପ କରନ୍ତି ତା'ହେଲେ ଢ଼ଯସଗ୍ସଷବ ସରକାରଙ୍କ ଦୃଷ୍ଟିଗୋଚ଼ର କରି ସେହି ତଦନ୍ତକାରୀ ଅଫିସରଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦେଇଛନ୍ତି। ଜିଲ୍ଲାପାଳମାନେ ଏହି ମାମଲାଗୁଡିକର ନିୟମିତ ସମୀକ୍ଷା କରି ସରକାରଙ୍କ ନିର୍ଦ୍ଦେଶ ପାଳନକୁ ସୁନିଶ୍ଚିତ କରିବା ନିମନ୍ତେ ଶ୍ରୀ ପାଢ଼ୀ ପରାମର୍ଶ ଦେଇଛନ୍ତି।

## ବଜାରରେ ଦରଦାମ ବୃଦ୍ଧି ଭୟ

ଭୁବନେଶ୍ୱର,୯।୩(ମହାଭାରତ): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଘମାଘୋଟ ଯୁଦ୍ଧ ମଧ୍ୟରେ ଲୋକମାନଙ୍କ ମଧ୍ୟରେ ମହଙ୍ଗା ମାଡ ଭୟ ଘାରିଲାଣି। କାରଣ ଦୁଇ ଦିନ ଗ୍ୟାସ୍ ଦର ବୃଦ୍ଧ ପାଇଥିବାବେଳେ ରିଫାଇନ୍ ତେଲ ଦର ମଧ୍ୟ ବୃଦ୍ଧି ପାଇଛି। ଏହି କାରଣରୁ ଲୋକଙ୍କ ମନରେ ଏହି ଭୟ ଘାରିଛି। ଆଗାମୀ ଦିନରେ କାଳେ ଆହୁରି ବୃଦ୍ଧ ପାଇବ ଏହାକୁ ଦୃଷ୍ଟିରେ ରଖି ଲୋକମାନେ ଗ୍ୟାସ୍ ପାଇବାକୁ ଆସ୍ୱାଭାବିକ ଭାବେ ଗ୍ୟାସ ବୁକିଂ କରୁଛନ୍ତି। ସେହିପରି ପେଟ୍ରୋଲ ପମ୍ପରେ ଲୋକମାନେ ଅଧିକ ତେଲ ପକାଉଛନ୍ତି। ତେବେ ଏହା ଏକ ଗୁଜବ ବୋଲି କହିଛନ୍ତି ରାଜ୍ୟ ସରକାର। ସେହିପରି ଆଗାମୀ ଦିନରେ ପେଟ୍ରୋଲ୍ ଓ ଡିଜେଲ ଦର ବୃଦ୍ଧ ପାଇବା ନେଇ କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି।



ଏହାକୁ ଦୃଷ୍ଟିରେ ରଖି ସରକାର ଆଜି ଘରୋଇ ଏଲପିଜି ସିଲିଣ୍ଡର ବୁକିଂର ସର୍ବନିମ୍ନ ସମୟସୀମାକୁ ସରକାର ବୃଦ୍ଧି କରିଛନ୍ତି। ପୂର୍ବରୁ ଜଣେ ଉପଭୋକ୍ତା ୨୧ ଦିନ ପରେ ଦ୍ୱିତୀୟ ସିଲିଣ୍ଡର ବୁକିଂ କରିବାର ଅଧିକାର ପାଉଥିଲେ। ଏବେ ଏହାକୁ ସରକାର ୨୫କୁ ବୃଦ୍ଧି କରି ଦେଇଛନ୍ତି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଘମାଘୋଟ ଯୁଦ୍ଧ ମଧ୍ୟରେ ଲୋକମାନେ ଅଧିକ ମାତ୍ରାରେ ବୁକିଂ କରୁଛନ୍ତି। ଏହାଦ୍ୱାରା କଳାବଜାରୀ ବିବାର ଆଶଙ୍କା ରହିଛି। ସେହିପରି ମାର୍କେଟରେ ଅପ୍ରାକୃତିକ ଭାବେ ଏଲପିଜି ସିଲିଣ୍ଡରର ସଙ୍କଟ ସୃଷ୍ଟି ହୋଇପାରେ। ଏଥିପାଇଁ ସରକାର ବୁକିଂ ଅବଧିକୁ ୨୫କୁ ବୃଦ୍ଧି କରିଥିବା ଜଣାପଡିଛି।

ଯୁଦ୍ଧ ଯୋଗୁ ଗ୍ରାହକଙ୍କ ମଧ୍ୟରେ ଅସ୍ୱାଭାବିକ ଭାବେ ବୁକିଂ ପ୍ରକ୍ରିୟା ଦେଖିବାକୁ ମିଳିଥିଲା। ଯେଉଁ ଉପଭୋକ୍ତାମାନେ ସାଧାଣତଃ ୫୫ ଦିନରେ ଥରେ ବୁକିଂ କରୁଥିଲେ ଏବେ ସେମାନେ ୧୫ ଦିନ ମଧ୍ୟରେ ଗ୍ୟାସ ପାଇଁ ବୁକିଂ କରୁଛନ୍ତି। ସେମାନେ ଅଧିକ ମାତ୍ରାରେ ଗ୍ୟାସ ସଂରକ୍ଷିତ କରି ରଖିବାର ଆଶଙ୍କା ଥିବାରୁ ସରକାର ଏପରି ପଦକ୍ଷେପ ନେଇଛନ୍ତି। ବୁକିଂ ସମୟସୀମାରେ ସଂଶୋଧନ କରି ସରକାର ସିଲିଣ୍ଡର ବଣ୍ଟନରେ ସ୍ୱଚ଼୍ଛତା ଆଣିବାକୁ ଲକ୍ଷ୍ୟ ରଖିଛନ୍ତି।

ସମାନ ସମୟରେ ସରକାର ଦେଶର ରିଫାଇନାରୀମାନଙ୍କୁ ଏଲପିଜି ଉତ୍ପାଦନ ବୃଦ୍ଧି କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ବିଶେଷରେ କରି ଘରୋଇ ଏଲପିଜି ସିଲିଣ୍ଡର ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେବାକୁ କମ୍ପାନୀଗୁଡିକୁ କୁହାଯାଇଛି। ଯୋଗାଣରେ ସ୍ଥିରତା ଆଣିବା ପାଇଁ ସରକାର ଅତିରିକ୍ତ ଭାବେ ଆମଦାନୀ ବିକଳ୍ପ କଥା ମଧ୍ୟ ଚ଼ିନ୍ତା କରୁଛନ୍ତି। ଆଲଜେରିଆ, ଅଷ୍ଟ୍ରେଲିଆ, କାନାଡା ଓ ନରୱେ ଭଳି ଦେଶ ସହ ଏଲପିଜି ପାଇଁ ସରକାର ଯୋଗାଯୋଗରେ ଥିବା ଜଣାପଡିଛି।

ଅନ୍ୟପକ୍ଷରେ ଯୁଦ୍ଧ ମଧ୍ୟରେ ସରକାର ଦେଶବାସୀଙ୍କୁ ବଡ ଆଶ୍ୱସନା ମଧ୍ୟ ଦେଇଛନ୍ତି। ପେଟ୍ରୋଲ ଓ ଡିଜେଲ ସମସ୍ତେ ସମସ୍ତ ପ୍ରକାରର ତେଲର ଅଭାବ ବର୍ତ୍ତମାନ ସୁଦ୍ଧା ସୃଷ୍ଟି ହୋଇନାହିଁ। କୌଣସି ପେଟ୍ରୋଲ ପମ୍ପରେ ତେଲର ସଙ୍କଟ ଦେଖାଯାଇନି। ଏହାବାଦ ଅଶୋଧିତ ତୈଳ ଦର ବୃଦ୍ଧି ପାଉଥିଲେ ହେଁ ଦେଶରେ ଏବେ ପେଟ୍ରୋଲ କିମ୍ବା ଡିଜେଲ ଦର ବିବ ନାହିଁ ବୋଲି ସରକାର କହିଛନ୍ତି। ସୋମବାର ନୋଏଡାର ସେକ୍ଟର ୨୨, ଉତ୍ତରପ୍ରଦେଶର ସୀତାପୁର ଜିଲ୍ଲାର ଏକ ଗାଁରୁ ଏଲ୍‌ପିଜିକୁ ନେଇ ଗ୍ରାହକଙ୍କ ଲମ୍ବା ଧାଡି ବିଶିଷ୍ଟ ଭିଡିଓ ଭାଇରାଲ୍ ହୋଇଛି। ଦେଶରେ ଏଲ୍‌ପିଜିର କୌଣସି ଅଭାବ ନାହିଁ ଓ ଗୁଜବରେ ବିଶ୍ୱାସ ନ କରିବାକୁ ସରକାର ବାରମ୍ବାର କହୁଥିଲେ ମଧ୍ୟ ତାହା ଲୋକମାନଙ୍କ ମନରେ ରହିଥିବା ଉଦବେଗକୁ ଦୂର କରିପାରିନାହିଁ। ଯୋଗାଣକାରୀଙ୍କ ମତରେ ବର୍ତ୍ତମାନ ସୁଦ୍ଧା ଏଲ୍‌ପିଜିର କୌଣସି ଅଭାବ ନାହିଁ। କିନ୍ତୁ ଗତ କିଛି ଦିନ ହେଲାଣି ଆତଙ୍କିତ ହୋଇ ସିଲିଣ୍ଡର କିଣୁଥିବା ଗ୍ରାହକଙ୍କ ସଂଖ୍ୟା ବହୁତ ବଢିଛି।

ଗତ ସପ୍ତାହରେ ସରକାର ଏଲ୍‌ପିଜି ଦର ବଢାଇଥିଲେ। ତେଣୁ ଲୋକମାନଙ୍କ ମନରେ ଭୟ ଆହୁରି ବଢିଯାଇଛି। କିଛି ଲୋକଙ୍କୁ କଳାବଜାରରୁ ଏଲ୍‌ପିଜି କିଣିବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ ମଧ୍ୟ ଆସିଛି। ଇତି ମଧ୍ୟରେ ଏଲ୍‌ପିଜି ବୁକିଂ ବହୁତ ବଢିଯାଇଥିବା ବେଳେ ଲକ୍ ଇନ୍ ଅବଧି ୨୧ ଦିନକୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଅବଧି ୧୫ ଦିନ ଥିଲା। ଏହାର ଅର୍ଥ ହେଉଛି ଜଣେ ଗ୍ରାହକ ଗୋଟିଏ ସିଲିଣ୍ଡର ବୁକିଂ କରିବାର ୨୧ ଦିନ ମଧ୍ୟରେ ଆଉ ଗୋଟିଏ ସିଲିଣ୍ଡର ବୁକିଂ କରିପାରିବେ ନାହିଁ। ଦୁଇଟି ସିଲିଣ୍ଡର ରଖିଥିବା ଗ୍ରାହକଙ୍କ ପାଇଁ ଲକ୍-ଇନ୍ ଅବଧିକୁ ୩୦ ଦିନକୁ ବୃଦ୍ଧି କରାଯାଇଛି।

## କଞ୍ଚା ଇଲିସି ମାଛ ବେସର

**ଆବଶ୍ୟକ ସାମଗ୍ରୀ:** ଇଲିସି ମାଛ, କଟା ପିଆଜ, କଟା ଟମାଟୋ, କଞ୍ଚା ଲଙ୍କା, କଟା ରସୁଣ, ଅଦା ଓ ରସୁଣ ପେଷ୍ଟ, ବଟା ସୋରିଷ, ସୋରିଷ ତେଲ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ ଓ କରି ପାଉଡର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଇଲିସି ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ତା'ପରେ ସେଥିରେ ଲୁଣ ଓ ହଳଦୀ ପକାଇ ଭଲ ଭାବେ ଗୋଳାଇ ରଖି ଦିଅନ୍ତୁ। କଡ଼େଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଞ୍ଚା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହେବା ପରେ ଅଦା ଓ ରସୁଣ ପେଷ୍ଟ ଦିଅନ୍ତୁ। ତା'ସହିତ ଛୋଟ ଛୋଟ ଖଣ୍ଡରେ କଟା ହୋଇଥିବା ରସୁଣ ପକାନ୍ତୁ । ଏହା ତରକାରୀର ସ୍ୱାଦକୁ ବଢ଼ାଇଥାଏ। ଟମାଟୋ ଓ କରି ପାଉଡର ପକାଇ ମସଲାକୁ କଷନ୍ତୁ। ମସଲା କଷି ହେବା ପରେ ବଟା ସୋରିଷ ପକାଇ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ଏହା ଫୁଟିବା ପରେ କଞ୍ଚା ଇଲିସି ମାଛକୁ ସେଥିରେ ପକାନ୍ତୁ ଓ କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ସ୍ୱାଦ ଅନୁସାରେ ଆପଣ ଏଥିରେ ଲୁଣ ପକାଇ ପାରିବେ। ମାଛ ସିଝିଯିବା ପରେ ସେଥିରେ ଡାଲଚିନ ଗୁଣ୍ଡ, ଧନିଆ ପତ୍ର ପକାନ୍ତୁ ଏବଂ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଞ୍ଚା ଇଲିସି ମାଛ ବେସର।



ଖବର

## ରିଲିଜ ହେବ ଅକ୍ଷୟ କୁମାରଙ୍କ 'ଭୂତ ବଙ୍ଗଳା' ର ଟିଜର




ଅକ୍ଷୟ କୁମାରଙ୍କ ଅପକମିଙ୍ଗ ହରର-କମେଡି ଫିଲ୍ମ 'ଭୂତ ବଙ୍ଗଳା' ବହୁତ ଚର୍ଚ୍ଚାରେ ରହିଛି । ପ୍ରଶଂସକମାନେ ଫିଲ୍ମକୁ ନେଇ ପୂର୍ବରୁ ଉତ୍ସାହିତ ଅଛନ୍ତି । ଏବେ ଖବର ଆସିଛି ଯେ ଏହାର ଟିଜର ମାର୍ଚ୍ଚ ୯ ତାରିଖ ଅର୍ଥାତ ଆଜି ରିଲିଜ୍ ହେବ । ଫିଲ୍ମଟି ଏପ୍ରିଲ ୧୦ ତାରିଖରେ ସିନେମା ହଲରେ ଆସିବାର ଯୋଜନା ରହିଛି । ଏହି ପ୍ରୋଜେକ୍ଟରେ ଅକ୍ଷୟ କୁମାର ଏବଂ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହିତ କାମ କରିଛନ୍ତି । ଏହି ଯୋଡ଼ି ପୂର୍ବରୁ ଅନେକ ସୁପରହିଟ୍ ଫିଲ୍ମ କରିଛନ୍ତି, ତେଣୁ ଦର୍ଶକମାନେ ଏହି ନୂଆ ଫିଲ୍ମ ଦେଖିବା ପାଇଁ ବହୁତ ଆଶା ରଖିଛନ୍ତି ।ଏକ ରିପୋର୍ଟ ଅନୁଯାୟୀ,'ଭୂତ ବଙ୍ଗଳା' ର ଟିଜର ମାର୍ଚ୍ଚ ୯ ତାରିଖ ଅର୍ଥି ଆଜି ଅପଲୋଡ୍ ହେବ ଏବଂ ଏହି ତାରିଖ ପଛରେ ଏକ ର୍ନିଦ୍ଦିଷ୍ଟ କାରଣ ମଧ୍ୟ ରହିଛି । ଅକ୍ଷୟ କୁମାର ୯ ନମ୍ବରକୁ ଏକ ଭାଗ୍ୟବାନ ସଂଖ୍ୟା ଭାବରେ ମାନନ୍ତି, କାରଣ ତାଙ୍କର ଜନ୍ମ ସେପ୍ଟେମ୍ବର ୯ ତାରିଖରେ ହୋଇଥିଲା ଏବଂ ସେ ଏହାକୁ ଏକ ଶୁଭ ନମ୍ବର ବୋଲି ଭାବନ୍ତି ।ସେ ତାଙ୍କ ଗାଡ଼ିର ନମ୍ବର ପ୍ଲେଟ୍ ଏବଂ ଅନ୍ୟାନ୍ୟ ଅନେକ ଜିନିଷରେ ଏହି ନମ୍ବରକୁ ସାମିଲ କରନ୍ତି । ଏହି କାରଣରୁ ଫିଲ୍ମର ର୍ନିମାତା ଟିଜର ରିଲିଜ୍ ପାଇଁ ମାର୍ଚ୍ଚ ୯ ତାରିଖକୁ ବାଛିଛନ୍ତି । ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ହେଉଛି ଯେ ଟ୍ରେଲରଟି ଏହି ମାସ ଶେଷ ସୁଦ୍ଧା ଆସିପାରେ । କିଛି ରିପୋର୍ଟ ଅନୁସାରେ ଟ୍ରେଲରଟି 'ଧୁରନ୍ଧର: ଦି ରିଭେଞ୍ଜ' ର ଥିଏଟର ରିଲିଜ୍ ସହିତ ଆଡ୍ ହୋଇପାରେ, ଯାହା ମାର୍ଚ୍ଚ ୧୯ ତାରିଖରେ ଥିଏଟରରେ ଆସିବାକୁ ଯାଉଛି ।ଏଥିସହ ଜାଣିରଖନ୍ତୁ ଯେ, 'ଭୂତ ବଙ୍ଗଳା' ପୂର୍ବରୁ, ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ ଅନେକ ଫିଲ୍ମ କରିଛନ୍ତି, ଯେପରିକି 'ଭୁଲ ଭୁଲୈୟା', 'ହେରା ଫେରି' ଏବଂ 'ଗରମ ମସଲା', ଯାହା ଦର୍ଶକଙ୍କ ମଧ୍ୟରେ ଲୋକପ୍ରିୟ ରହିଛି । ଏହି ଫିଲ୍ମ ପ୍ରାୟ ୨୫ ବର୍ଷ ପରେ ଅକ୍ଷୟ କୁମାର ଏବଂ ତବୁଙ୍କୁ ପୁନର୍ବାର ଏକାଠି କରିଛି ।

## ଈଶ୍ୱରଙ୍କ ଅନୁଭବ

ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି



ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

## ଘରେ ଲାଗିଥିବା ବୁଢିଆଣି ଜାଲକୁ ସଫା କରନ୍ତୁ

ଘରକୁ ସୁନ୍ଦର ରଖିବା ପାଇଁ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଯଦି ଘରେ ବୁଢିଆଣି ଜାଲ ଲାଗିଥାଏ ତେବେ ତାହାକୁ ତୁରନ୍ତ ସଫା କରିବା ଉଚିତ। ବାସ୍ତୁ ଅନୁସାରେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରେ ନକାରାତ୍ମକ ଶକ୍ତି ଆଣିଥାଏ। ଏଥି ସହିତ, ଅନେକ ସମସ୍ୟାର ସାମ୍ନା କରିବାକୁ ମଧ୍ୟ ପଡିଥାଏ ,ଯେପରିକି



୧. ଘରକୁ ଭଲ ଭାବରେ ସଫା କରିବା ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କର ଆଶୀର୍ବାଦ ରହିଥାଏ। ଏପରି ଘରେ, ଯେଉଁଠାରେ ମଇଳା ଏବଂ ବୁଢିଆଣି ଜାଲ ରହଥାଏ ସେଠାରେ ଟଙ୍କା ରହେ ନାହିଁ। ଏହା ସହିତ ଅର୍ଥ ସମ୍ବନ୍ଧୀୟ ସମସ୍ୟାର ସାମ୍ନା ସୃଷ୍ଟି କରିଥାଏ।

୨. ଯେଉଁ ଘରର କାନ୍ଥ ଏବଂ ଛାତଗୁଡିକରେ ବୁଢିଆଣି ଜାଲ ରହିଥାଏ ସେଠାରେ ନକାରାତ୍ମକ ଶକ୍ତି ବଢିଥାଏ । ଏହା ବ୍ୟତୀତ ଘରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ ।

୩. ଅନେକ ଦିନ ଧରି ଘରେ ବୁଢିଆଣି ଜାଲ ରହିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରର ସଦସ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥାଏ ।

୪. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯେଉଁ ଘରେ ବୁଢିଆଣି ଜାଲ ଦେଖାଯାଏ ସେହି ଘରେ ସବୁବେଳେ ସଙ୍କଟ ଘେରି ରହିଥାଏ । ସେହି ଘରର ସଦସ୍ୟମାନଙ୍କୁ ସର୍ବଦା କୌଣସି ନା କୌଣସି ଅସୁବିଧାର ସମ୍ମୁଖୀନ ହୋବାକୁ ପଡିଥାଏ । ଏହା ସହିତ, ବାରମ୍ବାର ବିଫଳତା ମଧ୍ୟ ହାସଲ ହୋଇଥାଏ।

୫. ଯେତେବେଳେ ବି ଘରେ ବୁଢିଆଣି ଜାଲ ହୋଇଥାଏ ଏହାକୁ ତୁରନ୍ତ ସଫା କରିବା ଉଚିତ। ନଚେତ ବିଫଳତା ସହିତ ଦୁର୍ଭାଗ୍ୟ ଏବଂ ଅର୍ଥର ଅଭାବ ସୃଷ୍ଟି କରିଥାଏ।

## କର୍ମଦୋଷରୁ ଆୟୁଷ ହାନି ହୋଇଥାଏ



ଲଙ୍କାପତି ରାବଣ ପ୍ରଭୁ ରାମଚନ୍ଦ୍ରଙ୍କ ଶରାଘାତରେ ଭୂମିରେ ପଡ଼ି ଛଟପଟ ହେଉଥିଲା । ସେତିକିବେଳେ ପ୍ରଭୁ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କୁ ତାଙ୍କ ନିକଟକୁ ପଠାଇଥିଲେ କହିଲେ, 'ଜଣେ ମହାଜ୍ଞାନୀଙ୍କର ମହାପ୍ରୟାଣ ହେବାକୁ ଯାଉଛି । ଯଦି କିଛି ରାଜଧର୍ମ ଶିଖିବାର ଅଛି ତେବେ ତାଙ୍କ ପାଖକୁ ଯାଅ ଏବଂ ସେ କହୁଛନ୍ତି ଶୁଣ ।ଲକ୍ଷ୍ମଣ ବଡ଼ଭାଇଙ୍କ ଆଦେଶ ପାଳନ କରି ରାବଣ ପାଖକୁ ଗଲେ । ଜୀବନର ଶେଷ ସମୟରେ ରାବଣ ମନେ ମନେ ଲକ୍ଷ୍ମଣଙ୍କ ଭଳି ଆଚରଣସିଦ୍ଧ ଲୋକଙ୍କୁ ଖୋଜୁଥିଲା । ରାବଣ ଓ ଲକ୍ଷ୍ମଣଙ୍କ ଭିତରେ ଫରକ ହେଉଛି ରାବଣ ଯୋଦ୍ଧା ଥିଲେ କିନ୍ତୁ ଆଚରଣସିଦ୍ଧ ନ ଥିଲେ। ଅନ୍ୟପକ୍ଷରେ ଲକ୍ଷ୍ମଣ ଥିଲେ ଯୋଦ୍ଧା ଓ ଆଚରଣସିଦ୍ଧ । ରାବଣ କହିଲା, 'ମୁଁ ଯେତେବେଳେ ଯାହା ଚାହିଁଛି ପାଇଛି, କିନ୍ତୁ ପ୍ରଜାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ତିନିଟି କଥା ପୂରଣ କରିପାରିଲି ନାହିଁ । ସେଥିମଧ୍ୟରୁ ଗୋଟିଏ ହେଉଛି ଲଙ୍କା ନଗରରୀର ଚାରିପାଖକୁ ଲାଗି ରହିଥିବା ସମୁଦ୍ରପାଣିକୁ ମିଠା କରିବା। ଦ୍ୱିତୀୟ ହେଉଛି ଯେଉଁମାନେ ପୃଥିବୀରେ ରହି ନରକ ଯନ୍ତ୍ରଣା ଭୋଗୁଛନ୍ତି ସେମାନଙ୍କୁ ସ୍ୱର୍ଗସୁଖ ଦେବା ଏବଂ ତୃତୀୟଟି ହେଉଛି ଲଙ୍କାପୁରରୁ ସ୍ୱର୍ଗପୁର ପର୍ଯ୍ୟନ୍ତ ନିଶୁଣି ପକାଇବା । ରାବଣର କଥାଗୁଡ଼ିକ ଲକ୍ଷ୍ମଣ ବଡ଼ ଭାଇ ରାମଚନ୍ଦ୍ରଙ୍କୁ କହିଲେ। ରାମଚନ୍ଦ୍ର ଶୁଣି ହସିଲେ ଆଉ କହିଲେ 'ଶେଷ ସମୟରେ ଯାହା କୁହାଯାଏ ତାହା ପଶ୍ଚାତାପ ରାବଣ ଯଦି ଭଲକାମ କରିବାକୁ ଚାହୁଁଥିଲା ଆଗୁଆ ନାହିଁ କାହିଁକି ? ରାବଚନ୍ଦ୍ର କହିଲେ "ରାବଣ ଭଲ କାମଗୁଡ଼ିକୁ ଆଜି କରିବି କାଲି କରିବି କହି ଖରାପ କାମଗୁଡ଼ିକୁ କରି ଚାଲିଲା। ତେଣୁ ତାର ଆୟୁଷ ହାନି ଘଟିଲା ଆଉ କର୍ମଦୋଷରୁ ଆଜି ତାର ଏ ଅବସ୍ଥା" ସେ ଭଲ କାମଗୁଡ଼ିକୁ ଆଗେ କରିଥିଲେ ହୁଏତ ଏତେ ଶୀଘ୍ର ମରି ନ ଥା'ନ୍ତା ।ଗଳ୍ପର ସାରମର୍ମ ହେଉଛି... କର୍ମଦୋଷରୁ ମଣିଷ ନିଜର ଆୟୁଷହାନି କରିଥାଏ । ରାବଣ ରାମଙ୍କ ବାଣରେ ମରିବାରୁ ତାଙ୍କର ମୋକ୍ଷପ୍ରାପ୍ତି ହେଲା ଏହା ସତ୍ୟ । କିନ୍ତୁ କୁକର୍ମ ପାଇଁ ତାକୁ ଶୀଘ୍ର ମରିବାକୁ ପଡ଼ିଲା। ରାବଣ ଉପରେ ଦେବ, ଦାନବ, ମାନବ ଏମିତି ଶହ ଶହ ଅଭିଶାପରେ ଅଭିଶପ୍ତ ହୋଇ ରହିଥିଲା ରାବଣ ଥିଲା ମହାଜ୍ଞାନୀ, ମହାପଣ୍ଡିତ, ମହାଶାସ୍ତ୍ରୀ । ସେ ଥିଲା ପ୍ରଜାବତ୍ସଳ । ରାବଣର ରାଜତ୍ୱକାଳରେ ଲଙ୍କାଥିଲା ସୁବର୍ଣ୍ଣନଗରୀ। ଏତେ ସବୁ ଗୁଣ ଥାଇ ମଧ୍ୟ ତାଙ୍କର ଅପମୃତ୍ୟୁ ଘଟିଥିଲା । ରାବଣର ଗର୍ବ, ଅହଙ୍କାର ଆଉ ଦୌରାତ୍ମ୍ୟ ଏତେ ବଢ଼ି ଯାଇଥିଲା ଯେ ସ୍ୱୟଂ ଭଗବାନ ତାକୁ ମାରିବାକୁ ଧରାପୃଷ୍ଠରେ ଜନ୍ମ ନେଇଥିଲେ । ଜ୍ଞାନ ଓ ପାଣ୍ଡିତ୍ୟର ଅହଂକାର ରାବଣକୁ ଅନ୍ଧାର ଭିତରକୁ ଠେଲି ଦେଇଥିଲେ । ସେଥିପାଇଁ କୁହାଯାଏ 'ଅତିଗର୍ବେ ହତ ଲଙ୍କା' ଅର୍ଥାତ୍, ରାବଣ ଏକ ଅମାନବୀୟ ଗୁଣ ଓ ଚରିତ୍ରର ଅଧିକାରୀ। ରାବଣ ଅହଙ୍କାରୀ ଥିଲା । ତାଙ୍କ କଥା ଓ କାମରେ ସନ୍ତୁଳନ ନ ଥିଲା। ସେ ବଡ଼ ଅଳସୁଆ ମଧ୍ୟ ଥିଲା। ରାମରାଜ୍ୟ ଓ ରାବଣରାଜ୍ୟ ଭିତରେ ଫରକ୍ ହେଉଛି ରାବଣ ରକ୍ତପାତ କରି ସାମ୍ରାଜ୍ୟ ବଢ଼ାଇବାକୁ ଚାହୁଁଥିଲେ । କିନ୍ତୁ ରାମଚନ୍ଦ୍ର ସମସ୍ତଙ୍କର ମଙ୍ଗଳ କରିବା ପାଇଁ ଚାହୁଁଥିଲେ। ସାରା ବିଶ୍ୱବାସୀଙ୍କ ମଙ୍ଗଳ ଚିନ୍ତା କରିବା ଓ ଶାନ୍ତି ସ୍ଥାପନ ପଥରେ ଅଗ୍ରସର ହେବା ଅସଲ ମଣିଷପଣିଆ ।

## ପଇଡ଼ ପାଣିର ଔଷଧୀୟ ଗୁଣ

ଆପଣ ପଇଡ଼ ପାଣି ପିଇବାର ଅଭ୍ୟାସ ରଖିଛନ୍ତି ତ? ଯଦି ରଖିନାହାନ୍ତି ତେବେ ତୁରନ୍ତ ଅଭ୍ୟାସ କରନ୍ତୁ। ସଂସାରରେ ଯେତେ ପ୍ରକାରର ପାନୀୟ ରହିଛି ସବୁଠାରୁ ଉତ୍ତମ ହେଉଛି



ପଇଡ଼ପାଣି। ଏହାକୁ ପିଇବା ଦ୍ୱାରା ପେଟ ରୋଗ ଜନୀତ ଅନେକ ସମସ୍ୟାର ସମାଧାନ କରାଯାଇପାରେ। ଗୋଟିଏ ପଇଡ଼ରେ ମାତ୍ର ୪ ପ୍ରତିଶତ ଫଳ ଓ ୯୪ ପ୍ରତିଶତ ଜଳ ଭାଗ ଥାଏ। ଏଥିରେ କାର୍ବସ, ଫାଇବର୍, ପ୍ରୋଟିନ୍, ଭିଟାମିନ୍, ମ୍ୟାଗ୍ନେସିୟମ୍, ମାଗାନିଜ୍, ପଟାସିୟମ, ସୋଡିୟମ୍ ଓ କ୍ୟାଲସିୟମ୍ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ୍ ବି ରହିଛି। ପଇଡ଼ରେ ମଧୁମେହ ରୋଗ ସହ ଲଢ଼ିପାରିବାର ଶକ୍ତି ରହିଛି। ରୀତିମତ ପଇଡ଼ ପାଣି ପିଇଲେ ମଧୁମେହକୁ ଆୟତ୍ତରେ ରଖାଯାଇ ପାରେ। ଏହା ରକ୍ତରେ ଶର୍କରା ଭାଗକୁ ଆୟତ୍ତରେ ରଖେ। କେବଳ ମଧୁମେହ ନୁହେଁ, କିଡନିଜନୀତ ରୋଗ ପାଇଁ ମଧ ଏହା ଖୁବ୍ ଉପକାରୀ। ନିୟମିତ ପଇଡ଼ ପିଇଲେ କିଡନୀ ସୁସ୍ଥ ରହେ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହୃଦ୍ରୋଗୀମାନଙ୍କ ପାଇଁ ମଧ ପଇଡ଼ ପାଣି ଖୁବ୍ ଉପକାରୀ। ପଇଡ଼ ପିଇଲେ ହୃଦ୍‌ରୋଗ ହେବାର ସମ୍ଭାବନା କମ୍ ରହିଥାଏ। ରକ୍ତଚାପ ପାଇଁ ମଧ ପଇଡ଼ ପାଣି ଅବ୍ୟର୍ଥ ଔଷଧ ଭାବେ କାର୍ଯ୍ୟ କରେ। ବିପି ରୋଗୀ ନିୟମିତ ପଇଡ଼ ପାଣି ପିଇଲେ ଭଲ। ପରିସ୍ରା ସଂକ୍ରମଣ, ପେଟ ଗରମ, କାଶ ଆଦି ଅନେକ ରୋଗକୁ ପଇଡ଼ ପାଣି ପିଇବା ଦ୍ୱାରା ଆୟତ୍ତ କରାଯାଇ ପାରେ। ତେବେ ଆପଣ ଏଭଳି ଉପକାରୀ ପାନୀୟକୁ ନିଶ୍ଚୟ ପିଅନ୍ତୁ।

# ବିଦେଶୀ ଷଡ଼ଯନ୍ତ୍ର

ମଣିପୁରରେ କିଛି ଦେଶବିରୋଧୀ ଶକ୍ତି ରାଜ୍ୟରେ ଶାନ୍ତି ଏବଂ ସ୍ଥିରତା ଚାହୁଁ ନାହାଁନ୍ତି। ସେମାନେ ବିଜେପିକୁ କଳେ ବଳେ କୌଶଳେ କ୍ଷମତା ବାହାରେ ରଖିବାକୁ ଚାହୁଁଛନ୍ତି। କହିବା ବାହୁଲ୍ୟ ଯେ, ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ୨୦୨୩ ଏପ୍ରିଲ ୧୪ରେ ମଣିପୁର ହାଇକୋର୍ଟ ମୈତେଇ ସମ୍ପ୍ରଦାୟକୁ ଆଦିବାସୀ ବା ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସମ୍ପୂର୍ଣ୍ଣ ଅନ୍ଧ ନିଷ୍ପତ୍ତି ଥିଲା। ହାଇକୋର୍ଟଙ୍କ ଏହି ଦାୟିତ୍ୱହୀନ ରାୟ ଯୋଗୁ ଦେଶର ବ୍ୟାପକ କ୍ଷତି ହେଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ର ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ୍ୟ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି। ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ।

# ଫତୁରାନନ୍ଦଙ୍କ ଚରିତ୍ରର ଅଜ୍ଞାତ ଦିଗ

॥ ରଘୁନାଥ ମହାପାତ୍ର ॥

"ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ।

ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ହାସ୍ୟ ବ୍ୟଙ୍ଗ ଲେଖକ ଫତୁରାନନ୍ଦଙ୍କୁ ସାହିତ୍ୟ ରସପିପାସୁ ପାଠକମାନେ ଭଲ ଭାବରେ ଜାଣନ୍ତି ଚିହ୍ନନ୍ତି। ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାକୁ ପଢ଼ିବା ପାଇଁ ସମସ୍ତେ ଉତ୍କଣ୍ଠିତ ହୋଇ ରହିଥାନ୍ତି। ପତ୍ରିକାଟିଏ ହାତରେ ପଡ଼ିଲେ ପ୍ରଥମେ ସୂଚୀପତ୍ରରେ ଖୋଜନ୍ତି ଫତୁରାନନ୍ଦଙ୍କ ନାଁ। ସେଇ ନାଁଟି ମିଳିଗଲା ପରେ ପତ୍ରିକାର ପୃଷ୍ଠା ଓଲଟାଇ ଲେଖାଟିକୁ ଅଣନିଃଶ୍ୱାସୀ ହୋଇ ପଢ଼ି ପକାନ୍ତି। ଏହା ହିଁ ତାଙ୍କ ଲେଖାର ଆକର୍ଷଣ। ବ୍ୟଙ୍ଗ ଲେଖକ ହିସାବରେ ସେ ହିନ୍ଦୀ ଲେଖକ ହରି ଶଙ୍କର ପରସାୟୀଙ୍କ ସମସାମୟିକ ଏବଂ ତାଙ୍କରି ପରି ପ୍ରତିଭାବାନ। ହିନ୍ଦୀ ସାହିତ୍ୟରେ ପରସାୟୀଙ୍କର ଯେଉଁ ପ୍ରତିଷ୍ଠା ରହିଛି ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦଙ୍କର ତା'ଠାରୁ ଅଧିକ ପ୍ରତିଷ୍ଠା ରହିଛି। ୧୯୬୬ ମସିହାରେ ମୁଁ ପ୍ରଥମେ ଫତୁରାନନ୍ଦ ସହିତ ତାଙ୍କ ଝାଞ୍ଜିରୀମଙ୍ଗଳା ବାସଗୃହରେ ସାକ୍ଷାତ କରିଥିଲି। ସେହି ଦିନ ଠାରୁ ତାଙ୍କ ସହିତ ମୋର ବନ୍ଧୁତା ଏପରି ଘନିଷ୍ଠ ହୋଇଗଲା ଯେ ତାଙ୍କ ମୃତ୍ୟୁ ତା ୬-୧୧-୧୯୯୫ ପର୍ଯ୍ୟନ୍ତ ତାହା ଅବିଚ୍ଛିନ୍ନ ହୋଇ ରହିଥିଲା। ପ୍ରତିଦିନେ ଦୁଇଦିନେ ସଂଧ୍ୟାବେଳେ ମୁଁ ଡଗର ପ୍ରେସକୁ ଯାଇ ତାଙ୍କ ସହିତ ସାକ୍ଷାତ କରୁଥିଲି ଏବଂ ପ୍ରେସର ଭଲ ମନ୍ଦ ବିଷୟରେ ଆଲୋଚନା କରୁଥିଲି। ଦୀର୍ଘଦିନ ତାଙ୍କ ସହିତ ଘନିଷ୍ଠତା ରହିବା ଫଳରେ ତାଙ୍କ ବ୍ୟକ୍ତି ଚରିତ୍ରର କେତୋଟି ଦିଗ ମୁଁ ଦେଖିପାରିଥିଲି ଯାହା ଅନ୍ୟମାନେ ଦେଖିପାରି ନାହାନ୍ତି। ମୁଁ ସେହି ବିଷୟରେ କିଛି ଲେଖି ପାଠକମାନଙ୍କୁ ଜଣାଇବା ପାଇଁ ଚାହୁଁଛି। ୧. ଫତୁରାନନ୍ଦଙ୍କ ବନ୍ଧୁ ବତ୍ସଳତା, ୨. ଫତୁରାନନ୍ଦଙ୍କ ବଦାନ୍ୟତା, ୩. ଅନ୍ୟକୁ ସାହାଯ୍ୟ କରିବାର ଉଦାରତା, ୪. ଗରିବ ଛାତ୍ରଙ୍କୁ ଅର୍ଥଦାନ କରି ପଢ଼ାଇବାର ପ୍ରେରଣାଦାତା, ୫. ପଶୁ ପକ୍ଷୀ ମାନଙ୍କ ପ୍ରତି ତାଙ୍କର ନିବିଡ଼ ଶ୍ରଦ୍ଧା, ୬. ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରୋତ୍ସାହନ ଏହିପରି ଅନେକ ଗୁଡ଼ିଏ ସାତ୍ତ୍ୱିକଗୁଣ ତାଙ୍କ ଠାରେ ପରିଲକ୍ଷିତ ହୁଏ ଯାହା ଅନ୍ୟ ଲୋକମାନଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ସାହିତ୍ୟ ସର୍ଜନା ଆରମ୍ଭ କରିବା ଦିନରୁ ସେ ଗେରୁଆ ଲୁଙ୍ଗି ଓ ଗେରୁଆ ସାର୍ଟ ପିନ୍ଧୁଥିଲେ। ଛାତି ଉପରେ ଗେରୁଆ ରଙ୍ଗର ଚାଦର ଘୋଡେଇ ହେଉଥିଲେ। ତାଙ୍କ ଚେହେରା ଜଣେ ସନ୍ନ୍ୟାସୀ ପରି ଦେଖାଯାଉଥିଲା। ସେ ପିଲାଦିନରୁ ଯୋଗ ଓ ବ୍ୟାୟାମ କରୁଥିବାରୁ ତାଙ୍କ ଶରୀର ଖୁବ୍ ହୃଷ୍ଟପୁଷ୍ଟ ଥିଲା। ତାଙ୍କୁ ଦେଖିଲାମାତ୍ରେ ଯେ କୌଣସି ଲୋକ ତାଙ୍କୁ ଜଣେ ସନ୍ନ୍ୟାସୀ ଛଡ଼ା ଅନ୍ୟ କିଛି ଭାବିବ ନାହିଁ। ଫତୁରାନନ୍ଦ ତାଙ୍କର ଆତ୍ମଜୀବନୀ 'ମୋଫୁଟା ଡଙ୍ଗାର କାହାଣୀ' ଲେଖିଛନ୍ତି ସେଥିରେ ନିଜ ବିଷୟରେ ଯାହା ଲେଖି ନାହାନ୍ତି ମୁଁ ସେହି ବିଷୟ ଗୁଡ଼ିକ ଉଲ୍ଲେଖ କରିବାକୁ ଚାହେଁ।

ତାଙ୍କର ବନ୍ଧୁ ବତ୍ସଳତା : ଫତୁରାନନ୍ଦଙ୍କ ବ୍ୟକ୍ତିତ୍ୱରେ ଏକ ଚୁମ୍ବକ ଶକ୍ତି ଥିଲା। ଯେ କୌଣସି ଲୋକ ତାଙ୍କ ପାଖକୁ ଆସି ଦୁଇ ଚାରିପଦ କଥା ହେବ ସେ ଅଜଣା ହେଉ ଅଶୁଣା ହେଉ ତାପରେ ସେ ହୋଇଯିବ ଫତୁରାନନ୍ଦଙ୍କ ବନ୍ଧୁ। କେବଳ ବନ୍ଧୁ ନୁହେଁ ଘନିଷ୍ଠ ବନ୍ଧୁ। ଏହି ସମ୍ପର୍କରେ ମୁଁ କେତେଜଣ ବିଶିଷ୍ଟ ଲେଖକଙ୍କ ନାମ ଉଲ୍ଲେଖ କରୁଛି ପ୍ରଥମ ହେଲେ ଓଡ଼ିଶାର ପ୍ରଥିତଯଶା କବି ଡଃ ଗୋପାଳ ଚନ୍ଦ୍ର ମିଶ୍ର। ସେ ବରାବର ଡଗର ପ୍ରେସକୁ ଆସନ୍ତି ଏବଂ ଫତୁରାନନ୍ଦଙ୍କୁ ରାମନା ବୋଲି ସମ୍ବୋଧନ କରନ୍ତି। ରାସ୍ତା ଉପରୁ ସେ ରାମନା ରାମନା ଡାକଛାଡ଼ି ଡଗର ପ୍ରେସ ଭିତରକୁ ପଶନ୍ତି। ଫତୁରାନନ୍ଦ ନଦେଖି ପାରିଲେ ମଧ୍ୟ କଣ୍ଠ ଶବ୍ଦରୁ ଜାଣି ପାରନ୍ତି ଗୋପାଳ ମିଶ୍ର ଆସିଗଲେ ତେଣୁ ସେ ହସି ହସି କହନ୍ତି 'କହ ନୂଆବୋଉ ଭଉଣୀ ତୁମର ଅଛକି ଆଉ ?' ପାଇଲି ପାଇଲି ରାମନା ଭଉଣୀ ଗୋଟିଏ ପାଇଲି ତମେ ଦେଖିବନି ନେଇ ଆସିବି ଏଠିକି ? ଆରେ ମୋର କ'ଣ ଆଖି ଅଛି ଦେଖିବି ? ତମେ ଦେଖ ତା ପାଇଁ ପୁଣି କବିତା ଲେଖ। ଗୋପାଳ ମିଶ୍ର ଠୋ ଠୋ ହୋଇ ହସନ୍ତି। କହନ୍ତି ରାମନା ଆଉ ଗୋଟିଏ ବଢ଼ିଆ କବିତା ଲେଖିଛି କାଲି ସଂଧ୍ୟାବେଳକୁ ଆଣିବି ଆଜି ବଜାରରେ କାମ ଅଛି ଶୀଘ୍ର ପଳାଉଛି। ଏହି ଗୋପାଳ ମିଶ୍ର ଥିଲେ ସୁଲେଖକ କବି ରେଭେନ୍ସା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ। ଫତୁରାନନ୍ଦଙ୍କ ସହିତ ତାଙ୍କର ଆତ୍ମୀୟତା ବହୁତ ଭଲ ଥିଲା। ଆଉ ଜଣେ ହେଲେ ଜେନାକବି ମୁରାରୀ ମୋହନ ଜେନା। ଫତୁରାନନ୍ଦଙ୍କ ସାନଭାଇ ଡଃ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ। ଘର ତାଙ୍କର ଭଗତପୁର ଗ୍ରାମରେ। ଝାଞ୍ଜିରୀମଙ୍ଗଳା ଓ ଭଗତପୁର ଲଗାଲଗି ହୋଇ ଦୁଇଟି ସାହି। ଶ୍ୟାମସୁନ୍ଦର ମିଶ୍ର ଟିକିଏ ନରମ ସ୍ୱଭାବର କିନ୍ତୁ ମୁରାରୀ ମୋହନ ଟିକିଏ ଉଗ୍ର ସ୍ୱଭାବର। ଫତୁରାନନ୍ଦଙ୍କୁ ସେ ରାମ କକେଇ ବୋଲି ଡାକନ୍ତି। ତାଙ୍କ କବିତା ଡଗରରେ ନ ବାହାରିଲେ ସେ ଦୋଷାରୋପ କରନ୍ତି ଫତୁରାନନ୍ଦଙ୍କ ଉପରେ। ମଝିରେ ମଝିରେ ତାଙ୍କ କବିତା ବାହାରେ। କବିତା ଉପରେ ସେ ନାନା ଦିଗରୁ ଆଲୋଚନା କରନ୍ତି ଏବଂ ତାଙ୍କ କବିତାର ଶ୍ରେଷ୍ଠତା ପ୍ରତିପାଦନ କରନ୍ତି। ତାଙ୍କ ଲେଖା ଯେ କେବଳ ଡଗରରେ ପ୍ରକାଶ ପାଏ ତାହା ନୁହେଁ ଓଡ଼ିଶା ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହୁଏ। ସେ ଜଣେ ଦକ୍ଷ ସାହିତ୍ୟ ସଂଗଠକ। ଉତ୍କଳ ସାହିତ୍ୟ ସମାଜର ସେ କେତେ ବର୍ଷ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରିଥିଲେ। ଫତୁରାନନ୍ଦ ଯେଉଁ ସରସ ସାହିତ୍ୟ ସମିତି ଗଢ଼ିଥିଲେ ସେଥିରେ ମଧ ସେ ସଂପାଦକ ଥିଲେ। ରଜ ଉତ୍ସବ କିପରି ଜାକ ଜମକରେ ପାଳିତ ହେବ ସେଥିପାଇଁ ସେ ଭାରି ତତ୍ପର ହେଉଥିଲେ। ସରସ ସାହିତ୍ୟ ସମିତି ରଜ ଉତ୍ସବରେ ଗବେଷକ ସଚ୍ଚିଦାନନ୍ଦ ମିଶ୍ର ପ୍ରବନ୍ଧ ପଢ଼ିଲାବେଳେ ମୁରାରୀ ବାବୁ ଟିକା ଟିପ୍ପଣୀ ଦେଉଥିଲେ ଯାହାଫଳରେ ଦୁଇଜଣଙ୍କ ଭିତରେ କଳି ଗୋଳ ଲାଗୁଥିଲା ଯାହାକୁ ଫତୁରାନନ୍ଦ ସମାଧାନ କରୁଥିଲେ।

ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ। ଫତୁରାନନ୍ଦଙ୍କ ସହିତ ତାଙ୍କର ଦୀର୍ଘ ଜୀବନ ଧରି ଦେଖା ସାକ୍ଷାତ ହୋଇ ପାରିଲା ନାହିଁ। ମଝିରେ ମଝିରେ ଗୋଟିଏ ହାସ୍ୟରସାତ୍ମକ ଗଳ୍ପ କିମ୍ବା କବିତା ଡଗରକୁ ପଠାନ୍ତି। ତାହା ଡଗରରେ ପ୍ରକାଶ ପାଏ ସେ କିନ୍ତୁ ବ୍ୟକ୍ତିଗତ ଭାବେ ଆସି ପାରନ୍ତି ନାହିଁ। ଅନେକ ବର୍ଷ ପରେ ଚାକିରୀରୁ ଅବସର ଗ୍ରହଣ କରି ସେ ଆସି କଟକରେ ରହିଲେ। ବକ୍ସି ବଜାର ବଡ଼େଇ ସାହିରେ ତାଙ୍କର ଭଡ଼ାଘର। ସେଇଠୁ ଦିନେ ସେ ଗୋଟିଏ ରିକ୍ସା କରି ଡଗର ପ୍ରେସ୍ ଖୋଜି ପିଠାପୁର ଠାରେ ଆସି ପହଞ୍ଚିଲେ। ସେତେବେଳେ ସମୟ ଅପରାହ୍ନ ପାଞ୍ଚଟା ହେବ। ଛାଇ ଲେଉଟାଣି ବେଳ। ମୁଁ ଅଫିସ ଘରେ ହାତ ନଥିବା ଗୋଟିଏ ଚେୟାରରେ ବସିଥାଏ। ପୁଲିନବାବୁ ରିକ୍ସାରୁ ଓହ୍ଲେଇ ପ୍ରେସ ପିଣ୍ଡା ଉପରକୁ ଉଠିଲେ ଏବଂ ପଚାରିଲେ ଏଇଟା ଡଗର ପ୍ରେସ ତ ? ମୁଁ ସଂକ୍ଷିପ୍ତ ଉତ୍ତର ଦେଲି ହଁ। ରାମବାବୁ ଅଛନ୍ତି ? ଆଜ୍ଞା ଅଛନ୍ତି। ଆଲମାରୀ ପଛପଟରେ ବସିଥିବା ଫତୁରାନନ୍ଦ ମତେ ପଚାରିଲେ କିଏ କି ? ମୁଁ କହିଲି ମୁଁ ଚିହ୍ନି ନାହିଁ। କେବେତ ଆଗରୁ ଦେଖି ନାହିଁ। ପୁଲିନ ବାବୁ ଅଫିସ ଭିତରକୁ ପଶୁ ପଶୁ କହିଲେ ମୁଁ ପୁଲିନ। ପୁଲିନ ବିହାରୀ ରାୟ। ହଠାତ ଫତୁରାନନ୍ଦ ତାଙ୍କ ବସିବା ସ୍ଥାନରୁ ଉଠି ଆସିଲେ ପୁଲିନ ପୁଲିନ ବୋଲି କହି କୁଣ୍ଢାଇ ପକାଇଲେ। ପୁଲିନବାବୁ ଆଖିରୁ ଦୁଇଟୋପା ଆନନ୍ଦ ଅଶ୍ରୁ ଝରି ପଡ଼ିଲା। ପ୍ରାୟ ପଚିଶ ତିରିଶ ବର୍ଷ ପରେ ଦୁଇ ବନ୍ଧୁଙ୍କର ଦେଖା ସାକ୍ଷାତ। ସେ ମିଳନ ଏତେ ଆନନ୍ଦ ଦାୟକ ତାହା ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ। ସେଦିନ ଦୁଇବନ୍ଧୁ ବହୁତ ସମୟ ଧରି ଖୁସି ଆଳାପ କଲେ ହସା ହସି ଅତୀତର ମଧୁର ସ୍ମୃତିକୁ ରୋମନ୍ଥନ କଲେ ସତେ ଯେପରି ମେଡ଼ିକାଲର ଦୁଇଟି ତରୁଣ ଛାତ୍ର ଆନନ୍ଦବିଭୋର ହୋଇ ଆଳାପ କରୁଛନ୍ତି। ଏହି ସାକ୍ଷାତପରେ ପୁଲିନ ବାବୁ ମଝିରେ ମଝିରେ ଡଗରକୁ ଆସି ଫତୁରାନନ୍ଦଙ୍କୁ ସାକ୍ଷାତ କରୁଥିଲେ। ହଠାତ୍ ତାଙ୍କର ଆସିବା ବନ୍ଦ ହୋଇଗଲା ଖବର ବି କିଛି ମିଳିଲା ନାହିଁ। ସେତେବେଳେ ଡଗର ପ୍ରେସରେ ଫୋନ ବି ନଥାଏ କାହା ସହିତ କଥାବାର୍ତ୍ତା କରିବା ପାଇଁ। ଦିନେ ତାଙ୍କର ପୁଅ ଡାକ୍ତର ଫାଲଗୁନି ରାୟ ଡଗରକୁ ଆସି ଫତୁରାନନ୍ଦଙ୍କୁ ଖବର ଦେଲେ ଯେ ବାପାଙ୍କ ଦେହ ଭାରି ଅସୁସ୍ଥ। ଆପଣଙ୍କୁ ଦେଖିବା ପାଇଁ ଖୋଜୁଛନ୍ତି। ଏହି ଖବର ଶୁଣିବାପରେ ଫତୁରାନନ୍ଦଙ୍କ ମୁହଁ ବିଷର୍ଣ୍ଣ ହୋଇଗଲା। ପରଦିନ ଉପର ଓଳି ମତେ କହିଲେ ଗୋଟିଏ ରିକ୍ସା ଡାକ ପୁଲିନକୁ ଦେଖିବାକୁ ଯିବା। ମୁଁ ଗୋଟିଏ ରିକ୍ସା ଡାକି ଆଣିଲି ସାଙ୍ଗ ହୋଇ ବକ୍ସି ବଜାର ବଡ଼େଇ ସାହି ଗଲୁ। ପୁଲିନ ବାବୁଙ୍କ ଭଡ଼ାଘର ଭିତରକୁ ପ୍ରବେଶ କଲୁ। ସେତିକିବେଳେ ପୁଲିନବାବୁ ରୋଗଶଯ୍ୟାରେ ନିସ୍ତେଜ ହୋଇପଡ଼ିଥାନ୍ତି। ତାଙ୍କ ଉପରେ ଧଳା ଚାଦରଟିଏ ଘୋଡେଇ ଦିଆଯାଇଥାଏ। କାନ୍ଥ କଡ଼କୁ ଗୋଟିଏ ଲମ୍ବା ବେଞ୍ଚ ପଡ଼ିଥାଏ ମୁଁ ସେଇଠି ବସିଲି। ଫତୁରାନନ୍ଦ ତାଙ୍କ ପାଦପାଖରେ ଥିବା ଗୋଟିଏ ଚେୟାର ଉପରେ ଯାଇ ବସିଲେ। ତାଙ୍କ ପୁଅ ବାପାଙ୍କୁ ଯେତେ ଡାକିଲେ ତାଙ୍କର କୌଣସି ଉତ୍ତର ମିଳିଲା ନାହିଁ। ଛାତି ଉପରେ ଘୋଡ଼ା ହୋଇଥିବା ଧଳା ଚାଦରଟି ଖାଲି ଉଠୁଥାଏ ପଡୁଥାଏ। ନିଃଶ୍ୱାସ ଘନ ଘନ ଯାଉଥାଏ। ତାଙ୍କ ପୁଅ କହିଲେ ମଉସା ଆପଣ ଡାକନ୍ତୁ କାଳେ ଆପଣଙ୍କ ପାଟି ବାରି ପାରିବେ। ଫତୁରାନନ୍ଦ ଧୀର କଣ୍ଠରେ ଡାକିଲେ ପୁଲିନ.....ପୁଲିନ ଏଇ ଦେଖ ମୁଁ ରାମ ଆସିଛି। ଅଣ୍ଟାଳି ଅଣ୍ଟାଳି ତାଙ୍କ ଶରୀର ଉପରେ ହାତ ପକାଇଲେ। ସେ ଡାକରେ କି ଅମୃତ ସ୍ପର୍ଶ ଥିଲା କେଜାଣି ପୁଲିନ ବାବୁଙ୍କ ନିଷ୍ପ୍ରଭ ଆଖି ଦୁଇଟି ମୁହୂର୍ତ୍ତକ ପାଇଁ ଖୋଲିଗଲା। ଫତୁରାନନ୍ଦଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହିବାକୁ ଲାଗିଲା। କଣ୍ଠ ବାଷ୍ପରୁଦ୍ଧି ହୋଇଗଲା ପୁଲିବ ବୋଲି ଆଉ ଡାକି ପାରିଲେ ନାହିଁ। ମୁଁ ସେତେବେଳେ ଲକ୍ଷ୍ୟ କରୁଥିଲି ଦୁଇଜଣଙ୍କ ବନ୍ଧୁତ୍ୱର ନିବିଡ଼ତା ଆହା କି ହୃଦୟ ବିଦାରକ ସେହି ଦୃଶ୍ୟ। ମୋ ଆଖିରୁ ମଧ୍ୟ ଲୁହ ଝରି ପଡ଼ିଲା। ସେଠାରୁ ଉଠି ମୁଁ ବାହାରକୁ ଚାଲି ଆସିଲି।

ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ-୯, ଦୂରଭାଷ : ୯୨୩୮୬୩୨୭୫୦

# ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଳଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ କମ୍ କରିଛି । ବୈଜ୍ଞାନିକମାନେ ମଧ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି – ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧନ କେବଳ ଇକୋ – ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢ଼ୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

# ନାନା ମୁନୀ ନାନା ମତ

॥ ଅନୀତା ପଟ୍ଟନାୟକ ॥

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ – 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ର ଗଳ୍ପ ଖୁବ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ଦେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀ ଗୃହରେ 'ଆମେ କେଉଁଠାରୁ ଆସିଛୁ ? କେଉଁଠାକୁ ଯିବୁ ? ଓ ଆମର ଜୀବନର ଉଦ୍ଦେଶ୍ୟ କଣ ?' ବିଷୟଟିକୁ ଉତ୍ଥାପନ କଲେ। ଆମ ଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା। ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠକ ପାଠିକା ମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ସଠିକ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା – ସେ କେଉଁଠାରୁ ଆସିଛି ? କେଉଁ ଠାକୁ ଯିବ ଓ ତାର ଜୀବନର ଉଦ୍ଦେଶ୍ୟ କ'ଣ ? ଧୃତରାଷ୍ଟ୍ର ଉତ୍ତର ଦେଲା – 'ମୁଁ ମାମୁଁ ଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଏକ ଛାତ୍ର ଅର୍ଜୁନକୁ ଶ୍ରେଣୀର – ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା – 'ମୁଁ ବାପାମାଆଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତାଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା। 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମର ଶ୍ରେଣୀର ଅନ୍ୟ ଏକ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଏକ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଏକ ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଏକ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କଣ ? ତାଙ୍କର କୌଣସି ଉତ୍ତର ନଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର' । ଏଥର ପଲ୍ଲବୀକୁ ମତେ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।' ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ସଠିକ ଉତ୍ତର ପାଇପାରିନାହିଁ। କେଉଁଟି ସଠିକ ଉତ୍ତର ଜଣାଇଲେ ମୁଁ ଚରିତାର୍ଥ ହେବି।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ବେଆଇନ୍ ଭାବେ ମଦ ଚାଲଣା ବେଳେ ବୋଲେରୋ ଜବତ

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମା ଅଞ୍ଚଳରେ ବେଆଇନ ମଦ ଚାଲଣା ଉପରେ ପୋଲିସ ଚଢାଉ କରି ଏକ ବଲେରୋ ଗାଡ଼ି ସହ ବହୁ ପରିମାଣର ଠିପି ମଦ ଜବତ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, କାକିରିଗୁମାରେ ଥିବା ଓଗରଖ ଙଘ ୪ୖଙଚ, ଗୌଡ଼ଗୁଡା (କାକିରିଗୁମା) ଠାରୁ ଏକ ବଲେରୋ ଗାଡ଼ି ଯୋଗେ ବେଆଇନ ଭାବେ ଠିପି ମଦ ଚାଲଣା କରାଯାଉଥିଲା। ଝାରଖଣ୍ଡ ରାଜ୍ୟର ଅର୍ଜୁନ କୁମାର ସିଙ୍ଗ ନାମକ ଜଣେ ବ୍ୟକ୍ତି ଏହି ମଦକୁ ଦଶମନ୍ତପୁର ଅଭିମୁଖେ ନେଇଯାଉଥିବା ବେଳେ ପୋଲିସ ଏହାକୁ ଠାବ କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ କାକିରିଗୁମା ଥାନାରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଥାନା ଅଧିକାରୀ ଶ୍ରୀମତୀ ସୁଲୋଚନା ପ୍ରଧାନ ତାଙ୍କ ସହକର୍ମୀମାନଙ୍କୁ ସାଙ୍ଗରେ ନେଇ ଚଢାଉ କରିଥିଲେ। ପୋଲିସ ବଲେରୋ ଗାଡ଼ିକୁ ଠାବ କରି ଗାଡ଼ିଭିତରେ ଥିବା ଠିପି ମଦକୁ ଜବତ କରିଥିଲେ ଏବଂ ଗାଡ଼ି ସହ ଅଭିଯୁକ୍ତକୁ ଥାନାକୁ ଆଣାଯାଇଥିଲା। ଏହି ଘଟଣାରେ କାକିରିଗୁମା ଥାନାରେ କେସ ନଂ ୧୧/୨୬ ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ମଦ କାରବାର ବଢ଼ି ଚାଲିଥିବା ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ବେଆଇନ ମଦ କାରବାର ଫଳରେ ବିଭିନ୍ନ ଗାଁରେ ମଦ ପିଇ ଘରୋଇ ଅଶାନ୍ତି ବଢ଼ିବା ସହ ଅନେକ ଦୁଃଖଦ ଘଟଣା ମଧ୍ୟ ଘଟିଥିବା ଅଭିଯୋଗ ରହିଛି। କିଛି ମାସ ପୂର୍ବରୁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ପବିତ୍ର ସାଉଁତା ଗ୍ରାମବାସୀମାନଙ୍କ ସହଯୋଗରେ ବେଆଇନ ମଦ କାରବାରକୁ ରୋକିବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ଅବକାରୀ ବିଭାଗର ଅବହେଳା ଓ ଅସହଯୋଗ ଯୋଗୁଁ ସେଥିରେ ପୂର୍ଣ୍ଣ ସଫଳତା ମିଳିପାରିନଥିବା ଅଭିଯୋଗ ହେଉଛି। ତଥାପି, କାକିରିଗୁମା ଥାନାରେ ନୂଆଭାବେ ଯୋଗଦେଇଥିବା ଏହି ମହିଳା ଅଧିକାରୀଙ୍କ ଦ୍ୱାରା ହୋଇଥିବା ଏହି ସାହସୀ କାର୍ଯ୍ୟ ପାଇଁ ଚାରିଆଡ଼େ ପ୍ରଶଂସା ହେଉଛି। ଆସନ୍ତା ଦିନରେ ଏଭଳି ଚଢାଉ ଜାରି ରହିଲେ ଅଞ୍ଚଳରେ ବେଆଇନ ମଦ ମାଫିଆଙ୍କ ଉପରେ ଲାଗାମ ପଡ଼ିବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଅବକାରୀ ବିଭାଗ କେବେ ସକ୍ରିୟ ହେବ ଏବଂ ଏଭଳି ବେଆଇନ ମଦ କାରବାର ଉପରେ କେତେ ଦୂର ପର୍ଯ୍ୟନ୍ତ ନିୟନ୍ତ୍ରଣ ଆଣାଯିବ।

## ମୃତଦେହ ରାସ୍ତାରେ ରଖି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ପାଟଣା, (ମହାଭାରତ) : ବାଇକ୍ ଧକ୍କା ରେ ମୃତ ବରଣ କରିଥିବା ବ୍ୟକ୍ତି ଙ୍କ ଶବ ରଖି ରାସ୍ତା ଅବରୋଧ। କେନ୍ଦୁଝର ଜିଲା ପାଟଣା ଦେଇ ରାଞ୍ଚି ବିଜୱାଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ଖୋଜୁରୀଡିହା ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣ ବ୍ୟକ୍ତି ଙ୍କର ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତି ଜଣକ ଖଜୁରୀଡିହା ଗ୍ରାମର ଉପେନ୍ଦ୍ର ମହାନ୍ତଙ୍କ ପୁଅ ଜଗନ୍ନାଥ ମହାନ୍ତ ବୋଲି ଜଣାପଡଡି ଥିଲା। ସୋମବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ସହ ରାସ୍ତାରେ ଲାଇଟ୍, ହମ୍ପସ ନିର୍ମାଣ ଭଳି ବ୍ୟବସ୍ଥା କରିଥିଲେ। ଏହି ଦାବି ନେଇ ସ୍ଥାନୀୟ ଲୋକମାନେ ଉତ୍ୟକ୍ତ ସହିତ ରାସ୍ତା ଉପରେ ମୃତଦେହ ରଖି,ଟାୟାର ଜାଳି ସହ୍ ରାସ୍ତା ଅବରୋଧ କରିଥିଲେ। ଏନେଇ ଘଟଣାସ୍ଥଳରେ ପାଟଣା ପୋଲିସ ପକ୍ଷରୁ ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ, ଗୌରହରି ଗରଡିଆ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକ ମାନ ଙ୍କୁ ବୁଝାଶୁଝା କରିଥିବା ବେଳେ ଶତାଧିକ ଗାଡ଼ି ମୋଟର ଓ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ । ବହୁ ସମୟ ବ୍ୟବଧାନ ପରେ ରେଡକ୍ରସ ପକ୍ଷ ରୁ ୨୦ହଜାର ଅନୁକମ୍ପା ରାଶି ପ୍ରଦାନ ପରେ ରାସ୍ତା ରୁ ଉତ୍ୟକ୍ତ ଲୋକଙ୍କ ଅବରୋଧ ହଟି ଥିଲା। ଏହି ରାସ୍ତା ଅବରୋଧ ଫଳରେ ଯାତାୟାତ କରିଥିବା ଲୋକମାନେ ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉ ଥିବା ଦେଖିବାକୁ ମିଳିଛି।

## କେନ୍ଦୁଝରରେ 'ଶକ୍ତି ପଦଯାତ୍ରା' ସହ ଆନ୍ତର୍ଜାତୀୟ ମହିଳା ଦିବସ ଉଦଯାପିତ

କେନ୍ଦୁଝର, (ମହାଭାରତ) : ଆନ୍ତର୍ଜାତୀୟ ମହିଳା ଦିବସ ପାଳନର ତୃତୀୟ ତଥା ଉଦଯାପନୀ ଦିବସ ଅବସରରେ ଆଜି କେନ୍ଦୁଝର ସହରରେ ଏକ ବିଶାଳ 'ଶକ୍ତି ପଦଯାତ୍ରା' ବା ପାୱାର ୱାକ୍ ଅନୁଷ୍ଠିତ ହୋଇଯାଇଛି। 'ଉଷରଭ ଝଷର ଗକ୍ଟଙ୍ଗରସ୍ୱ, ଓଭୟସବ ଗକ୍ଟଙ୍ଗରସ୍ୱ' (ସେ ଚାଲିଲେ, ଭାରତ ଚାଲେ) ବିଷୟବସ୍ତୁ କୁ ଆଧାର କରି ଆୟୋଜିତ ଏହି ପଦଯାତ୍ରା ମହିଳା ସଶକ୍ତିକରଣର ଏକ ନୂତନ ବାର୍ତ୍ତା ବହନ କରିଛି। ବିଷୟବସ୍ତୁ ମାଧ୍ୟମରେ ସମାଜକୁ ଏହି ବାର୍ତ୍ତା ଦିଆଯାଇଛି ଯେ, ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ସେତେବେଳେ ସମଗ୍ର ଦେଶ ପ୍ରଗତି ପଥରେ ଅଗ୍ରସର ହୁଏ। ଏଥିରେ ଏନସିସି, ଏନଏସଏସ ସ୍ୱେଚ୍ଛାସେବୀ, ଆଇସିଡିଏସ କର୍ମଚାରୀ, ମହିଳା ପୋଲିସ୍ ଓ ବହୁ ସଂଖ୍ୟାରେ ମହିଳା ଯୋଗଦେଇ ନାରୀ ଶକ୍ତିର ପ୍ରଦର୍ଶନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ମହିଳା, ବିଶେଷକରି ଗୃହିଣୀ ଏବଂ ଛାତ୍ରୀମାନଙ୍କ ମଧ୍ୟରେ ଏକତା ଏବଂ ଆତ୍ମବିଶ୍ୱାସର ଭାବନା ଜାଗ୍ରତ କରାଯାଇଛି । ସର୍ବସାଧାରଣ ସ୍ଥାନରେ ମହିଳାମାନଙ୍କର ଏହି ବିଶାଳ ଉପସ୍ଥିତି ସେମାନଙ୍କର ସାମାଜିକ ଅଧିକାର ଏବଂ ସମ୍ମାନକୁ ଦର୍ଶାଉଛି। ସେମାନଙ୍କର ଯୋଗଦାନ ସ୍ପଷ୍ଟ କରୁଛି ଯେ ମହିଳା ଶକ୍ତି କେବଳ ଅଫିସରେ ସୀମିତ ନୁହେଁ, ବରଂ ପ୍ରତିଟି ଘରରୁ ହିଁ ଶକ୍ତିର ଆରମ୍ଭ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ ଙ୍କ ତତ୍ତ୍ୱାବଧାନ ରେ ଗତ ମାର୍ଚ୍ଚ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆଜି ସଫଳତାର ସହ ଉଦଯାପିତ ହୋଇଛି। ସ୍ଥାନୀୟ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ଶ୍ରୀମତୀ ନିକୁ ସାହୁ ଏବଂ ଉପ-ଜିଲ୍ଲାପାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଟଙ୍କା ମୋବାଇଲ ନେଲେ,ମାରି ଦରମରା କଲେ

ଯୋଡା,୯/୦୩(ମହାଭାରତ) ଯୋଡା ଥାନା ଅନ୍ତର୍ଗତ ବନେଇକଳା ବସ୍ତିର ଦିଲ୍ଲୀପ ନାୟକଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଲୁଟ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ସନ୍ଧ୍ୟାରେ ଅଞ୍ଚଳବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ । ଖୁବ୍‌ଶୀଘ୍ର ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରି ନ୍ୟାୟ ପ୍ରଦାନ କରିବା ପାଇଁ ପୋଲିସକୁ ନିବେଦନ କରିଥିଲେ । ସୂଚନାଯୋଗ୍ୟ କି, ଗତ ଶୁକ୍ରବାର ସନ୍ଧ୍ୟାରେ ବନେଇକଳା ବସ୍ତିର ଦିଲ୍ଲୀପ ନାଏକ ମାର୍କେଟରୁ ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃର୍ତ୍ତ ତାଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଓ ଟଙ୍କା ଲୁଟ କରି ନେଇ ତାଙ୍କୁ ଯୋଡା ସ୍ଥିତ ପୋଷ୍ଟ ଅଫିସ ଗଳିରେ ପକାଇ ଫେରାର ହୋଇ ଯାଇଥିଲେ । ଦିଲୀପଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ଯୋଡା ଟାଟାଷ୍ଟିଲ ଓ ପରେ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ବର୍ତ୍ତମାନ ସୁଦ୍ଧା ଦିଲ୍ଲୀପଙ୍କୁ ଭୁବନେଶ୍ୱର ସ୍ଥିତ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିଲେ ହେଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିବାରୁ ପରିବାର ଲୋକେ ଓ ଅଞ୍ଚଳବାସୀ ଏହି ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୋଲିସକୁ ଲିଖିତ ଭାବେ ଜଣାଇଛନ୍ତି ।

# କାଗଜରେ କାମ ସମ୍ପୂର୍ଣ୍ଣ, ଭୂମିସ୍ତରରେ ନାହିଁ ଚିହ୍ନ ବକ୍ସି ତୁଳସିପାଲିରେ ପ୍ରକଳ୍ପ ଅନିୟମିତତା

ଜୁନାଗଡ଼, (ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବକ୍ସି ତୁଳସିପାଲି ଗ୍ରାମ ପଞ୍ଚାୟତରେ ସରକାରୀ ପ୍ରକଳ୍ପ ନାମରେ ଗୁରୁତର ଅନିୟମିତତା ସାମ୍ନାକୁ ଆସିଛି। ଜିଲ୍ଲା ପରିଷଦ କଳାହାଣ୍ଡି ଓ ପଞ୍ଚାୟତ ସମିତି ଜୁନାଗଡ଼ ଯୋଜନାରେ ନିର୍ମିତ ଦୁଇଟି ପ୍ରକଳ୍ପକୁ ନେଇ ଏବେ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। କାଗଜପତ୍ରରେ କାମ ସମ୍ପୂର୍ଣ୍ଣ ହୋଇଥିବା ଓ ସରକାରୀ ଧନ ବ୍ୟୟ ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ, ଭୂମିସ୍ତରରେ ସେହି କାମର ସ୍ପଷ୍ଟ ପରିଣାମ ଦେଖିବାକୁ ମିଳୁନଥିବାରୁ ମିଥ୍ୟା ବିଲ୍ ମାଧ୍ୟମରେ ସରକାରୀ ଧନ ଉଠାଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି।ସୂଚନା ଅନୁସାରେ, ବକ୍ସି ତୁଳସିପାଲି ଉଚ୍ଚ ବିଦ୍ୟାଳୟର ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ (ଏମଏଲଏ ଲେଡ୍) ପ୍ରାୟ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ବକ୍ସି ତୁଳସିପାଲି ଉଚ୍ଚ ବିଦ୍ୟାଳୟ ଠାରେ ସାଇକେଲ ଷ୍ଟାଣ୍ଡ ପୁନଃ ନିର୍ମାଣ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚତମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ଏଭଳି ଭାବରେ ଦୁଇଟି ପ୍ରକଳ୍ପ ପାଇଁ ପ୍ରାୟ ୪ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଧନ ବ୍ୟୟ ହୋଇଥିବା କାଗଜପତ୍ରରେ ଦର୍ଶାଯାଏ।କିନ୍ତୁ ସ୍ଥାନୀୟ ଲୋକଙ୍କ ମତରେ, ପ୍ରକଳ୍ପ ନାମରେ ଧନ ବ୍ୟୟ ହୋଇଥିଲେ ମଧ୍ୟ ଭୂମିସ୍ତରରେ ସେହି କାମ ହୋଇନଥିବାରୁ ସରକାରୀ ଧନ ଦୁର୍ବ୍ୟବହାର ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ଗ୍ରାମବାସୀମାନେ କହନ୍ତି ।ଏହି ସମଗ୍ର ଘଟଣାରେ କାମ ହୋଇନଥିଲେ ମଧ୍ୟ କିପରି ବିଲ୍ ପାସ୍ ହେଲା ଓ କେଉଁ ପ୍ରକ୍ରିୟାରେ ସରକାରୀ ଧନ ଉଠାଯାଇଲା ସେଥି ନେଇ ବଡ଼ ପ୍ରଶ୍ନ ଉଠୁଛି। ବିଶେଷକରି ଏହି ପ୍ରକଳ୍ପଗୁଡ଼ିକର ମାପ ଜାଞ୍ଚ କରିଥିବା ସମ୍ପର୍କିତ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ଦେଖାଦେଇଛି। ସ୍ଥାନୀୟ ମହଲର ଲୋକେ କହନ୍ତି,ଯଦି ଭୂମିସ୍ତରରେ କାମ ହୋଇନଥାଏ, ତେବେ କିପରି ଯନ୍ତ୍ରୀ କାମ ଯାଞ୍ଚ କରି ମେଜରମେଣ୍ଟ ବୁକ୍ ?ରେ ଲେଖା କଲେ ଓ ବିଲ୍ ପାସ୍ ପାଇଁ ସୁପାରିଶ କଲେ, ତାହା ଏବେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି।ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ପ୍ରତିକ୍ରିୟା ଲୋଡ଼ାଯାଇଥିବା ବେଳେ ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ସମ୍ପର୍କରେ ତାଙ୍କ ପାଖରେ ସ୍ପଷ୍ଟ ସୂଚନା ନଥିବା ସହ କାମ କେବେ କରାଯାଇଛି ସେଥି ସମ୍ପର୍କରେ ସେ ଅବଗତ ନୁହନ୍ତି। ମୋ ଜାଣିବାରେ ଏହିପରି କୌଣସି କାମ ହୋଇନାହିଁ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି।ଘଟଣା ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି ଓ ସରକାରୀ ଧନର ସଠିକ ବ୍ୟବହାର ହୋଇଛି କି ନାହିଁ ତାହାର ନିଷ୍ପକ୍ଷ ତଦନ୍ତ କରିବାକୁ ଦାବି ଉଠିଛି। ସ୍ଥାନୀୟ ସମାଜ ସେବୀ ଓ ବୁଦ୍ଧିଜୀବୀ ମହଲର ମତାନୁସାରେ, ଯଦି ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯାଏ, ତେବେ ପ୍ରକଳ୍ପରେ ବ୍ୟୟ ହୋଇଥିବା ଧନର ସତ୍ୟାସତ୍ୟ ସାମ୍ନାକୁ ଆସିବା ସହ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବା ଆବଶ୍ୟକ।ପଞ୍ଚାୟତରେ ହେଉଥିବା ଉନ୍ନୟନ କାମରେ ପାରଦର୍ଶିତା ରଖିବା ପାଇଁ ଏପରି ଘଟଣାର ଶୀଘ୍ର ତଦନ୍ତ ଅତ୍ୟାବଶ୍ୟକ। ଏବେ ପ୍ରଶ୍ନ ଉଠୁଛି, ପ୍ରଶାସନ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ପ୍ରକୃତରେ ନିଷ୍ପକ୍ଷ ତଦନ୍ତ କରିବ କି, ନା କି ମାମଲାଟି କେବଳ କାଗଜପତ୍ର ମଧ୍ୟରେ ସୀମିତ ରହିଯିବ। ନା ଗାନ୍ଧି ପ୍ରେମରେ ଛନ୍ଦି ହୋଇ ଯିବ ତାହା ଦେଖିବାକୁ ବାକି ରହିଲା।ସାଧାରଣରେ ଲୋକଙ୍କ ମତରେ ପ୍ରକାଶ ପାଇଛି ଯେ, ଯଦି ଏପରି ଅଭିଯୋଗ ଉପରେ ସମୟରେ କଡ଼ା ପଦକ୍ଷେପ ନିଆଯାଇନଥାଏ, ତେବେ ପଞ୍ଚାୟତରେ ହେଉଥିବା ଉନ୍ନୟନ କାମ ନାମରେ ସରକାରୀ ଧନ ଦୁର୍ବ୍ୟବହାର ଘଟଣା ଆଗାମୀ ଦିନରେ ଆଉ ବଢ଼ିବାର ସମ୍ଭାବନା ରହିଛି। ସେହିପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବାକୁ ସର୍ବସାଧାରଣରେ ଦାବି ହେଉଛି। ଏନେଇ ତଦାରଖ କରୁଥିବା ଯନ୍ତ୍ରୀ ମହୋଦୟଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ପ୍ରତିକ୍ରିୟା ଲୋଡିଥିଲେ କୌଣସି ଉତ୍ତର ମିଳିପାରି ନାହିଁ।

## ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା : ଚିଲିକାର ପାଣିରେ ପଶି ପହଁଚିଲେ ୧୨ ଠାକୁର



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ର ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରା ପଡିଆ ରେ ପହଁଚିଲେ ୨୩ ଠାକୁର। ସବୁଠାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଆକର୍ଷିତ କରିଥିଲା ଚିଲିକା ର ପାଣିରେ ପଶି ଆସିଥିବା ୧୨ ଠାକୁରଙ୍କ ମନୋରମ ଦୃଶ୍ୟ। ଏହି ମନୋରମ ଦୃଶ୍ୟ ସୋସିଆଲ ମିଡିଆରେ ଦେଖି ଚଳିତ ବର୍ଷ ବହୁ ଭକ୍ତ ରାଜ୍ୟ ବାହାରୁ ଆସିଥବା ଦେଖିବାକୁ ମିଳିଥିଲା। ପ୍ରଥା ଅନୁଯାୟୀ ୮ ତାରିଖ ଦିନ ଏକ ଶୁଭ ଖୁଣ୍ଟ ପଞ୍ଚୁଦୋଳ ପଡିଆ କୁ ଆସିଥିଲା। ମାଲୁଦ ଦଧିବାମନ ଦେବ ଙ୍କ ମାର୍ଫତଦାର ସଂଗ୍ରାମ କେଶରୀ ପଟନାୟକ ସମସ୍ତ ଠାକୁର ଙ୍କୁ ନିମନ୍ତ୍ରଣ କରିଥାନ୍ତି। ନିମନ୍ତ୍ରଣ ଅନୁଯାୟୀ ସଠିକ ସମୟରେ ସମସ୍ତ ଠାକୁର ସୁସଜିତ ମେଢ଼ରେ ଆତସବାଜି, ପାଇକ, ବାଘ ନାଚ, ଆଦିବାସୀ ବାଦ୍ୟ, ନାଚ, ଉତ୍ତର ପ୍ରଦେଶ ର ବାଦ୍ୟ, ଲୋକ ନୃତ୍ୟ ର ତାଳେ ତାଳେ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଗହଣ ରେ ଠାକୁର ଆସି ପହଞ୍ଚିଲେ। ମନୋରଞ୍ଜନ ପାଇଁ ୩ ଦିନ ୨ଟି ଯାତ୍ରା ତାର ଅଭିନୟ କରିବ। ଠାକୁର ମାନେ ଏହି ପଡିଆରେ ୩ ଦିନ ରହି ନିଜ ନିଜ ମନ୍ଦିର କୁ ଫେରିବେ। ଠାକୁରଙ୍କ ପ୍ରତିଦିନ ନିତି ରୀତି ପୂଜାପାଠ ଏହି ଠାରେ ହୋଇଥାଏ। ୩ ଦିନ ଧରି ଏହି ପଡିଆରେ ବହୁ ବ୍ୟବସାୟୀ ନିଜର ବ୍ୟବସାୟ କରିଥାନ୍ତି। ଏଠାରେ ଭଗବାନ ଓ ଭକ୍ତ ଙ୍କ ମହା ମିଳନ ହୋଇଥାଏ। ଭାଇଚାରାର ଏହି ଯାତ୍ରାରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଓ ଗଜପତି ଜିଲାରୁ ବହୁ ଭକ୍ତ ଙ୍କ ସମାଗମ ହୋଇଛି। ଶାନ୍ତି ଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବୀ ମାନେ ପ୍ରତ୍ୟକ୍ଷ ଦୃଷ୍ଟି ରଖିଥିବା ବେଳେ କୃଷ୍ଣପ୍ରସାଦ ଥାନା ଆଇ ଆଇ ସି ବିଚିତ୍ରାନନ୍ଦ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଲୋପ ପାଉଥିବା ଲୋକ ନୃତ୍ୟ ପାଲା, ଦାସକାଠି, ଭାରତ ଲୀଳା, କୃଷ୍ଣ ଲୀଳା, ପ୍ରହ୍ଲାଦ ନାଟକ, ସଂଗୀତ ଆଦି ପରିବେଷଣ ହୋଇଥାଏ ଏବଂ ସଦର ରେ ପରୀକ୍ଷା କରି ଉତ୍ତମ କଳା ପ୍ରଦର୍ଶନ କରିଥିବା ନୃତ୍ୟ କୁ ପୁରସ୍କୃତ କରାଯାଇ ଥାଏ। ଯାହା ରାଜ୍ୟ ର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନ ଥାଏ।

## ବିବାହିତା ମହିଳା ଫାଶୀ ଲଗାଇ ଆତ୍ମ ହତ୍ୟା,କାରଣ ଅସ୍ପଷ୍ଟ

ଯୋଡା, (ମହାଭାରତ) : ଯୋଡା ଠାରେ ୯ ନମ୍ବର ୱାର୍ଡ କମାର ଯୋଡା ହୁଡ଼ିସାହି।ଠାରେ ଜଣେ ବିବାହିତା ମହିଳା ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁଯାୟୀ,ରବିବାର ରାତିରେ ଦୀପକ କା।ରୁଆଙ୍କ ସ୍ତ୍ରୀ ସୁନାଇ କା।ରୁଆ(୩୦)ଶାଢ଼ୀ ରେ ଘର ଭିତର ଆଜବେଷ୍ଟସ ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ସୋମବାର ସକାଳେ ପୋଲିସ କୁ ଖବର ଦେଇଥିଲେ । ପୋଲିସ ଖବର ପାଇ ଘଟଣାସ୍ଥଳ ରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଛି । ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ ୩/୨୬ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି ।

## ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ଅବସରରେ ମହିଳା ସାଂସ୍କୃତିକ ସମାରୋହ



ପାରାଦୀପ, (ମହାଭାରତ) : ଆର୍ନ୍ତଜାତୀୟ ମହିଳା ଦିବସ ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଜଗନ୍ନାଥ ଲଳିତ କଳା ସଂସଦ ମିଳିତ ସହଯୋଗରେ ମହିଳା ସାଂସ୍କୃତି ସମାରୋହ-୨୦୨୬ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଜୟଦେବ ସଦନ ପରିସରରେ ଆୟୋଜିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାରୋହକୁ ଉଦଘାଟନ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମହିଳାମାନଙ୍କୁ ମୁଖ୍ୟଅତିଥି ଶ୍ରୀ ହରନାଦ ପୁରସ୍କୃତ କରିଥିଲେ । ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ସମାରୋହ ଶୁକ୍ରବାର ଦିନ ଉଦଯାପିତ ହେବ । ପ୍ରତ୍ୟେକ ସଂନ୍ଧ୍ୟାରେ ପାରାଦୀପର ବିଭିନ୍ନ ଲେଡିଜ୍ କ୍ଲବ୍, ପାରାଦୀପ ସାକ୍ଷରତା ସମିତି, ପାରାଦୀପ ପୌରପାଳିକା, ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ , ପୋର୍ଟ କ୍ଲବ୍ ଲେଡିଜ୍ ଉବଙ୍ଗର ସଦସ୍ୟାମାନେ ନାଟକ ପ୍ରଦର୍ଶନ କରିବେ । ଉଦଘାଟନୀ ସଂନ୍ଧ୍ୟାରେ ପାରାଦୀପ ଲେଡିଜ୍ କ୍ଲବ୍ ପକ୍ଷରୁ ପରିବେଶିତ ହୋଇଥିଲା ନାଟକ ପ୍ରତିଧ୍ୱନି। ସଂସଦର ସଭାପତି କ୍ୟାପଟେନ୍ ଅଲେଖ ଚରଣ ସାହୁ, ଉପସଭାପତି ଆର.ଏନ୍.ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଏହି ସମାବେଶ ଆୟୋଜିତ ହେଉଛି । ମହିଳାମାନଙ୍କୁ ସଶକ୍ତ କରିବା, ସମସ୍ତଙ୍କ ମଧ୍ୟରେ ଏକତ୍ୱ ଭାବ ପ୍ରତିଷ୍ଠା କରିବା ଏହି ସମାବେଶର ମୂଳ ଲକ୍ଷ୍ୟ । ପାରାଦୀପ ବନ୍ଦର ସ୍ଥାନୀୟ ମହିଳାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ଏହି ଭଳି କାର୍ଯ୍ୟକ୍ରମ କରିଥାଏ।

## କନ୍ଧମାଳରେ ପୁଣି ଲଜ୍ଜା, ନବମ ଶ୍ରେଣୀ ଛାତ୍ରୀ ଶିଶୁ ପୁତ୍ର ଜନ୍ମ ଦେଲେ

କନ୍ଧମାଳ, (ମହାଭାରତ) : କନ୍ଧମାଳରେ ପୁଣି ଏକ ଲଜ୍ଜା ଜନକ ଘଟଣା ଘଟିଛି ।ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଛ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀ ଗୋଟିଏ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି । ଏହିଭଳି ଲଜ୍ଜା ଜନକ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ଥିବା ଏକ ବାଳିକା ଉଚ୍ଛ ବିଦ୍ୟାଳୟରେ ।ଏ ନେଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରିଥିବା ବେଳେ, ପୀଡ଼ିତାର ପରିବାର ଲୋକ ଗୋଚ୍ଛାପଡ଼ା ଥାନାରେ ଏକ ମାମଲା ରୁଜୁ କରିଛନ୍ତି ।ପୀଡ଼ିତା ଛାତ୍ରୀ ଜଣକ ଲୋକ ଲଜ୍ଜା ଭୟରେ ନିଜ ଘରେ ହିଁ ଶିଶୁ ପୁତ୍ରକୁ ଧରି ରହିଛନ୍ତି ।ବର୍ତ୍ତମାନ ମା ଏବଂ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସେତେଟା ଭଲ ନଥିଲେ ମଧ୍ୟ, ସେମାନେ ଲୋକ ଲଜ୍ଜା କୁ ଭୟ କରି ଚିକିତ୍ସା ପାଇଁ ମେଡିକାଲକୁ ମଧ୍ୟ ଯାଉନଥିବା ଜଣାପଡ଼ିଛି । ଗ୍ରାମର ଆଶା ଦିଦି ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ନିରୀକ୍ଷଣରେ ଉଭୟ ମା ଏବଂ ଶିଶୁ ଙ୍କ ଆଶୁ ଚିକିତ୍ସା ଚାଲିଛି ।ତେବେ ସୂଚନା ଅନୁସାରେ, ଗତବର୍ଷ ପୀଡ଼ିତା ନାବାଳିକା ଜଣକ ଛୁଟିରେ ଘରକୁ ଯାଇଥିବା ବେଳେ ଜଣେ ଯୁବକ ସହିତ ଶାରୀରିକ ସମ୍ପର୍କ ଗଢ଼ି ଉଠିଥିଲା ।ଛୁଟି ସରିବା ପରେ ସେ ବିଦ୍ୟାଳୟକୁ ଆସି ହଷ୍ଟେଲରେ ରହି ପାଠ ପଢୁଥିଲା ଏବଂ ଗର୍ଭବତୀ ମଧ୍ୟ ହୋଇଥିଲା । ଗତମାସ ଏହା ଜଣାପଡ଼ିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଘର ଲୋକଙ୍କୁ ଡ଼ାକି ୭ ମାସର ଗର୍ଭବତୀ ଥିବା ପୀଡ଼ିତା ଛାତ୍ରୀକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।ତାପରେ ପରିବାର ଲୋକ ଯାଇ ଗୋଚ୍ଛାପଡ଼ା ଥାନାରେ ଏତଲା ଦେଇଥିଲେ । ଗତ ୧ ତାରିଖ ଦିନ ପୀଡ଼ିତା ଛାତ୍ରୀ ଜଣକ ନିଜ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି ।

# ବାଲିପାଟଣା ରେ ବେଆଇନ ଚୋରା ମାଟି ଚାଲାଣ

ବାଲିପାଟଣା, (ମହାଭାରତ): ବାଲିପାଟଣା ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେ ବେଆଇନ ମାଟି ଖନନ ଓ ଚୋରା ଚାଲାଣ ଚରମ ସୀମାରେ ପହଞ୍ଚିଛି। ସରକାରୀ ନିୟମକୁ ବେଖାତିର କରି ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ୍ ମାଟି ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଜାଣିଶୁଣି ଶୋଇ ରହିଥିବା ପରି ମନେହେଉଛି। ବ୍ଲକର ନଦୀ ପଠାଠାରୁ ଆରମ୍ଭ କରି ଚାଷ ଜମି ପର୍ଯ୍ୟନ୍ତ, ସବୁଠି ମାଫିଆଙ୍କ ନଜର। ଜେସିବି ମେସିନ ଲଗାଇ ଗଭୀର ଗାତ କରି ମାଟି ତାଡ଼ି ନିଆଯାଉଛି। ପୋଲିସ ନାକ ତଳେ ଏହି ବେଆଇନ କାରବାର ଚାଲିଥିଲେ ସୁଦ୍ଧା ପ୍ରଶାସନ କାହିଁକି 'କୁମ୍ଭକର୍ଣ୍ଣ' ନିଦ୍ରାରେ ନା ମାଫିଆଙ୍କ ପ୍ରଭାବ ଆଗରେ ପ୍ରଶାସନ ନତମସ୍ତକ, ନା




ଏହି ମହାଲୁଟ୍ ?ରେ କୌଣସି 'ଗୁପ୍ତ ବୁଝାମଣା' ରହିଛି, ତାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ରାଜଶ,, ପମ୍ପାଲ ,ଗରିଆ,ଗୁଆପୁର, ନରିଶୋ, ଟିଙ୍କିପଡ଼ା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଖବର ଦେବା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ କୌଣସି ଦୃଢ଼ ପଦକ୍ଷେପ ନେଉନାହାଁନ୍ତି। ରାଜସ୍ୱ ବିଭାଗର ଏହି ନିରବତା ପଛରେ ମାଫିଆଙ୍କ ସହ କୌଣସି 'ମଧୁଚନ୍ଦ୍ରିକା' ରହିଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯଦି ତୁରନ୍ତ ଏହି ବେଆଇନ ମାଟି ଚୋରା ଚାଲାଣ ବନ୍ଦ କରାନଯାଏ, ତେବେ ଆଗାମୀ ଦିନରେ ବ୍ଲକବାସୀ ରାଜପଥକୁ ଓହ୍ଲାଇବା ସହ ତହସିଲ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିନା କୌଣସି ଲିଜ୍ ବା ସରକାରୀ ଅନୁମତିରେ ଶହ ଶହ ଟ୍ରାକ୍ଟର ଓ ହାଇୱା ମାଟି ବୋହି ନେଉଛନ୍ତି। ସରକାରୀ ନିୟମ ଅନୁସାରେ ମାଟି ଖନନ ପାଇଁ ନିର୍ଦ୍ଦିଷ୍ଟ ସୀମା ଥିଲେ ହେଁ, ଏଠାରେ ପାତାଳ ପର୍ଯ୍ୟନ୍ତ ଗାତ ଖୋଳି ମାଟି ତାଡ଼ି ନିଆଯାଉଛି । ସରକାରୀ ରାଜସ୍ୱ ହରିଲୁଟ୍ କରୁଥିବା ଖବର ପ୍ରକାଶ ପରେ ଏହି ମାଫିଆଙ୍କ ବିରୋଧରେ ତହସିଲ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବେ କି? ଏହା ଏବେ ସବୁଠୁ ବଡ଼ ପ୍ରଶ୍ନ।ପ୍ରଶାସନ ପକ୍ଷରୁ ମଝିରେ ମଝିରେ ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯାଉଥିଲେ ମଧ୍ୟ, ଏହା କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏକ 'ପ୍ରହସନ' ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରଶ୍ନ ଉଠୁଛି, ଗାଡ଼ି ଜବତ ହେଉଛି ସତ, କିନ୍ତୁ ମାଟି ମାଫିଆଙ୍କ ମୁଖ୍ୟ ସୂତ୍ରଧରମାନେ କାହିଁକି ଆଇନ ଜାଲରୁ ବର୍ତ୍ତି ଯାଉଛନ୍ତି ?ଗୋଟିଏ ଗାଡ଼ି ଧରାପଡ଼ିଲେ ଅନ୍ୟ ଦଶଟି ଗାଡ଼ି ନିର୍ଭୟରେ ମାଟି ବୋହୁଛନ୍ତି। ପ୍ରଶାସନର ଭୟ ନୁହେଁ, ବରଂ ପ୍ରଶାସନ ସହ ସଲାସୁତୁରା ଥିବା ପରି ମନେହେଉଛି।

## ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା : ଚିଲିକା ର ପାଣି ରେ ପଶି ପହଁଚିଲେ ୧୨ ଠାକୁର



କୃଷ୍ଣପ୍ରସାଦ,(ମହାଭାରତ):ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ର ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରା ପଡିଆ ରେ ପହଁଚିଲେ ୨୩ ଠାକୁର। ସବୁଠାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଆକର୍ଷିତ କରିଥିଲା ଚିଲିକା ର ପାଣିରେ ପଶି ଆସିଥିବା ୧୨ ଠାକୁରଙ୍କ ମନୋରମ ଦୃଶ୍ୟ। ଏହି ମନୋରମ ଦୃଶ୍ୟ ସୋସିଆଲ ମିଡିଆରେ ଦେଖି ଚଳିତ ବର୍ଷ ବହୁ ଭକ୍ତ ରାଜ୍ୟ ବାହାରୁ ଆସିଥବା ଦେଖିବାକୁ ମିଳିଥିଲା। ପ୍ରଥା ଅନୁଯାୟୀ ୮ ତାରିଖ ଦିନ ଏକ ଶୁଭ ଖୁଣ୍ଟ ପଞ୍ଚୁଦୋଳ ପଡିଆ କୁ ଆସିଥିଲା। ମାଲୁଦ ଦଧିବାମନ ଦେବ ଙ୍କ ମାର୍ଫତଦାର ସଂଗ୍ରାମ କେଶରୀ ପଟନାୟକ ସମସ୍ତ ଠାକୁର ଙ୍କୁ ନିମନ୍ତ୍ରଣ କରିଥାନ୍ତି। ନିମନ୍ତ୍ରଣ ଅନୁଯାୟୀ ସଠିକ ସମୟରେ ସମସ୍ତ ଠାକୁର ସୁସଜିତ ମେଢ଼ରେ ଆତସବାଜି, ପାଇକ, ବାଘ ନାଚ, ଆଦିବାସୀ ବାଦ୍ୟ, ନାଚ, ଉ□ର ପ୍ରଦେଶ ର ବାଦ୍ୟ, ଲୋକ ନୃତ୍ୟ ର ତାଳେ ତାଳେ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଗହଣ ରେ ଠାକୁର ଆସି ପହଞ୍ଚିଲେ। ମନୋରଞ୍ଜନ ପାଇଁ ୩ ଦିନ ୨ଟି ଯାତ୍ରା ତାର ଅଭିନୟ କରିବ। ଠାକୁର ମାନେ ଏହି ପଡିଆରେ ୩ ଦିନ ରହି ନିଜ ନିଜ ମନ୍ଦିର କୁ ଫେରିବେୟ ଠାକୁରଙ୍କ ପ୍ରତିଦିନ ନିତି ରୀତି ପୂଜାପାଠ ଏହି ଠାରେ ହୋଇଥାଏ। ୩ ଦିନ ଧରି ଏହି ପଡିଆରେ ବହୁ ବ୍ୟବସାୟୀ ନିଜର ବ୍ୟବସାୟ କରିଥାନ୍ତି। ଏଠାରେ ଭଗବାନ ଓ ଭକ୍ତ ଙ୍କ ମହା ମିଳନ ହୋଇଥାଏ। ଭାଇଚାରାର ଏହି ଯାତ୍ରାରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଓ ଗଜପତି ଜିଲାରୁ ବହୁ ଭକ୍ତ ଙ୍କ ସମାଗମ ହୋଇଛି। ଶାନ୍ତି ଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବୀ ମାନେ ପ୍ରତ୍ୟକ୍ଷ ଦୃଷ୍ଟି ରଖିଥିବା ବେଳେ କୃଷ୍ଣପ୍ରସାଦ ଥାନା ଆଇ ଆଇ ସି ବିଚିତ୍ରାନନ୍ଦ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଲୋପ ପାଉଥିବା ଲୋକ ନୃତ୍ୟ ପାଲା, ଦାସକାଠି, ଭାରତ ଲୀଳା, କୃଷ୍ଣ ଲୀଳା, ପ୍ରହ୍ଲାଦ ନାଟକ, ସଂଗୀତ ଆଦି ପରିବେଷଣ ହୋଇଥାଏ ଏବଂ ସଦର ରେ ପରୀକ୍ଷା କରି ଉତ୍ତମ କଳା ପ୍ରଦର୍ଶନ କରିଥିବା ନୃତ୍ୟ କୁ ପୁରସ୍କୃତ କରାଯାଇ ଥାଏୟ ଯାହା ରାଜ୍ୟ ର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନ ଥାଏ।

## ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଙ୍ଘର ବୈଠକ



ଆସିକା(ମହାଭାରତ)-ଅଲ ଓଡିଶା ସେଣ୍ଟ୍ରାଲ କୋପେରଟିଭ ବ୍ୟାଙ୍କ ଏମପଲୋୟାର ଫେଡେରେଶସନ ଆସିକା ୟୁନିଟ ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ର ସଭା ଗୃହ ରେ ଅନୁଷ୍ଠିତ ବୈଠକ ରେ ସଙ୍ଘ ର ଉପ ସଭାନେତ୍ରୀ ଗୀତାଞ୍ଜଳି ବେହେରା ଙ୍କ ସଭାପତିତ୍ୱ କରିଥିଲେ । ଆଜିର ଏହି ବୈଠକ ରେ ସଙ୍ଘର ସୁଦୃଢ କରିବା, ବ୍ୟାଙ୍କ ରେ କର୍ମଚାରୀ ସଂଖ୍ୟା ବୃଦ୍ଧି, ସଙ୍ଘର ସଦସ୍ୟ ଓ ବ୍ୟାଙ୍କର ଉନ୍ନତି ସକାଶେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଚଳିତ ବର୍ଷ ପାଇଁ ଏକ କମିଟି ମନୋନୀତ କରାଯାଇଥିଲା । ସଭାପତି ରୂପେ ଯୋଗେଶ କୁମାର ସାମନ୍ତରାୟ, ଉପ ସଭାପତି ଭାବେ ମମତା ପରିଡା,କାର୍ଯ୍ୟ କାରୀ ସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର,ସାଧାରଣ ସମ୍ପାଦକ ଭାବେ ଗୀତାଞ୍ଜଳୀ ବେହେରା,ଯୁଗ୍ମ ସମ୍ପାଦକ ଭାବେ ଶ୍ରୀକାନ୍ତ ସ୍ୱାଇଁ, କୋଷାଧକ୍ଷ ଭାବେ ଭବାନୀ ଶଙ୍କର ଷଡ଼ଙ୍ଗୀ ଓ ଉପଦେଷ୍ଟା ଭାବେ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଙ୍କୁ ମନୋନୀତ କରାଯାଇଥିଲା । ଏହି ବୈଠକ ରେ ଅନେକ ସଦସ୍ୟ ଯୋଗ ଦେଇଥିଲେ ।

## ବରଫ କଳ କମ୍ପ୍ରେସର ଟ୍ୟାଙ୍କ ଫାଟି ଜଣେ ମୃତ, ୦୩ ଆହତ

ଧରାକୋଟ (ମହାଭାରତ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ତାଲ ପାଟଣା ରେ ମଲେଇ ତିଆରି ପାଇଁ ରହିଥିବା ବରଫକଳ ର ମରାମତି ବେଳେ କମ୍ପ୍ରେସର ଟ୍ୟାଙ୍କ ଫାଟି ଜଣେ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ଆହତ ହୋଇଥିବା ଜଣାପଡିଛି । ଗତ କିଛି ଦିନ ହେଲା ରମେଶ ଚନ୍ଦ୍ର ମହାପାତ୍ର ମଲେଇ ବ୍ୟବସାୟ କରିବା ପାଇଁ ନିଜ ଘରେ ଏକ ଛୋଟ ଫେକ୍ଟ୍ରି ପ୍ରସ୍ତୁତ କରିଥିଲେ। ଗତ ଦୁଇ ଦିନ ପୂର୍ବରୁ ମଲାଇ ବାହର କରି ମାର୍କେଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ । ହେଲେ ଉପଯୁକ୍ତ ଥଣ୍ଡା ନହେବାରୁ ଏହି ମେସିନ କୁ ଫିଟିଂ କରିଥିବା ମେକାନିକ ଜଗଓାଥପ୍ରସାଦ ନିକଟସ୍ଥ କୁସପଲି ଗ୍ରାମର ବିଦେଶୀ ପ୍ରଧାନ (୫୬) ଏହାକୁ ସଜାଡୁଥିବା ବେଳେ ଅଚାନକ କମ୍ପ୍ରେସର ଟ୍ୟାଙ୍କ ଫାଟି ଯାଇଥିଲା । ଘଟଣା ସ୍ଥଳରେ ପ୍ରବଳ ଶବ୍ଦ ହେବାସହ ଘରର ଟିଣଟି ଉଡିଯାଇଥିଲା । ଏଭଳି ଶବ୍ଦ ହେବା ଶୁଣି ଘର ଲୋକ ଏବଂ ପାଖ ପଡୋଶୀ ଲୋକେ ଆହତ ମିସ୍ତ୍ରୀ ବିଦେଶୀ ପ୍ରଧାନ, (୫୬),ରମେଶ ଚନ୍ଦ୍ର ମହାପାତ୍ର (୭୫),, ଶୋଭାବତୀ ମହାପାତ୍ର (୬୫) ହେମନ୍ତ ମହାପାତ୍ର (୪୮) କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲ କୁ ନେଇଥିଲେ କ୍ଷ ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ବ୍ରହ୍ମପୁର ବଡ଼ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା । ବ୍ରହ୍ମପୁର ମେଡ଼ିକାଲ ରେ ମିସ୍ତ୍ରୀ ଭାବେ କାର୍ଯ୍ୟରତ ବିଦେଶୀ ପ୍ରଧାନଙ୍କ ମୃତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ରମେଶ ମହାପାତ୍ର ଓ ହେମନ୍ତ ମହାପାତ୍ର ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ପକ୍ଷରେ ଶୋଭାବତୀ ମହାପାତ୍ର ଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ଜଣାପଡିଛି। ଧରାକୋଟ ପୋଲିସ ଖବର ପାଇ ଘଟଣା ସ୍ଥଳ ଏବଂ ବ୍ରହ୍ମପୁର ମେଡ଼ିକାଲ ଅଭିମୁଖେ ଯାଇ ତଦନ୍ତ ଚଳାଇବା ସହ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପକ୍ରିୟା ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପ୍ରକାଶ କରିଛନ୍ତି । ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସବ ଇନ୍ସପେକ୍ଟର ସସ୍ମିତା ପଣ୍ଡା ଙ୍କ ସହ ଯୋଗାଯୋଗ ବେଳେ ଏ ସମ୍ପର୍କରେ ମୃତକ ବିଦେଶୀ ପ୍ରଧାନ ଙ୍କ ପୁତ୍ର ମୁନା ପ୍ରଧାନ ଏତଲା ଦେବା ପରେ ଧରାକୋଟ ଥାନାରେ ୧୦୩/୨୬ ପ୍ରକାରେ ମାମଲା ରୁଜୁ ହୋଇଛି ।

# ୧୧ ଚୋରା ବାଇକ ସହ ୫ ଗିରଫ



ଆସିକା (ମହାଭାରତ): ଆସିକା ଥାନା ପକ୍ଷରୁ ଏକ ଅନ୍ତଃରାଜ୍ୟ ବାଇକ ଚୋରା ରାକେଟର ଠାବ। ୧୧ ଚୋରା ବାଇକ ସହ ୫ ଗିରଫ। ଏନେଇ ଆସିକା ଥାନା ପକ୍ଷରୁ ୯୨/୨୬ରେ ମାମଲା ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଛି ।ପ୍ରକାଶ ଥାଉକି ଆସିକା ଥାନା ପକ୍ଷରୁ ଏ ଏସ ଆଇ ସୁଭାଶିଷ ସ୍ୱାଇଁ ଗତକାଲି ରାତ୍ରି ପେଟ୍ରୋଲିଙ୍ଗ କରୁଥିବା ସମୟରେ ସନ୍ଦେହରେ ପୋଲିସ ଚାରିଜଣ ବାଇକ ଆରୋହୀଙ୍କୁ ଅଟକାଇଥିଲା ପୋଲିସ କୁ ଦେଖି ସେମାନେ ଦ୍ରୁତ ଗତିରେ ଚାଲିଯାଇଥିଲେ ପୋଲିସ ସେମାନଙ୍କ ପିଛା କରି ଆସିକା ପାକଲାପଲ୍ଲୀ ଏରେଗଲା କ୍ୟାମ୍ପରେ ପହଞ୍ଚି ସେଠାରେ ତାଲାସି ପରେ ଉକ୍ତ ଚାରିଜଣକୁ ଧରିବା ସହ ୯ଟି ବାଇକ ଜବତ କରି ତଦନ୍ତ କରିବା ପରେ କାଳକ୍ଷଣ୍ଡପୁର ଏରେଗଲା କ୍ୟାମ୍ପରୁ ୨ଟି ବାଇକ ସହ ଜଣକୁ ଗିରଫ କରିଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ବେଳେ ଏହି ମାନେ ଉକ୍ତ ବାଇକ ଗୁଡିକୁ ଆନ୍ଧ୍ରପ୍ରଦେଶ ର ଶ୍ରୀକାକୁଲମ, ଭୁବନେଶ୍ୱର ଭରତପୁର ଥାନା ଇଲାକା,ବାଲୁଗାଁ ଓ ବ୍ରହ୍ମପୁର ଅଞ୍ଚଳରୁ ବାଇକ ଚୋରି କରି ଗାଡି ଗୁଡିକର ନମ୍ବର ପ୍ଲେଟ ବଦଳାଇ ଉକ୍ତ ଚୋରା ବାଇକରେ ବିଭିନ୍ନ ଲୁଟ,ଛୀନତାଇ, ଡକାୟତି କରୁଥିଲେ। ଗିରଫ ଯୁବକ ମାନେ ହେଲେ ଆସିକା ପାକଲାପଲ୍ଲୀ ଏରେଗଲା କ୍ୟାମ୍ପର ଆଲୁ ଶିବା,ଦାସ ଦେବ,ଦାସ ଚିନ୍ତା,ଦାସ ଶିବାଜୀ ଓ କାଳକ୍ଷଣ୍ଡପୁର ଏରେଗଲା କ୍ୟାମ୍ପର ଦାସ ଅନିଲ ଏମାନଙ୍କ ବିରୁଦ୍ଧରେ ଆସିକା ଥାନା କେସ ନମ୍ବର ୯୨/୨୬ରେ ପୋଲିସ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଆସିକା ଥାନା ଅଧିକାରୀ ସୁଧୀର ସାହୁ ସୂଚନା ପ୍ରଦାନ କରିଛନ୍ତି।

# ନିର୍ମାଣର ୬ମାସ ପୂରିନି, ରାସ୍ତାରୁ ଉଠିଗଲାଣି ପିଚୁ



ଘୁ.ଉଦୟଗିରି: ରାଜ୍ୟ ସରକାର ଅର୍ଥ ବ୍ୟୟ କରୁଛନ୍ତି ସାଧାରଣ ଲୋକଙ୍କ ଗମନାଗମନର ସୁବିଧା ପାଇଁ ରାସ୍ତା ନିର୍ମାଣ ହେଉ କି ମରାମତି। ତାର ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ। ବାଡ଼ ଯଦି ଫସଲ ଖାଇବ ତାହାହେଲେ ଫସଲ ଜଗିବ କିଏ। ସେଇଭଳି ବିଭାଗୀୟ ଅଧିକାରୀମାନେ ଯଦି ଠିକାଦାରଙ୍କ ସହ ମଧୁଚନ୍ଦ୍ରିକା ସମ୍ପର୍କ ରଖି ନିଜ ପକେଟ ଗରମ କରିବେ ତାହାହେଲେ ସରକାରୀ ଅର୍ଥ ବାଟମାରଣା ହେବା ସୁନିଶ୍ଚିତ। ସରକାରୀ ଅର୍ଥର ଅପବ୍ୟୟ କରି ଅର୍ଥ ଆତ୍ମସାତ କରିବା ଉଦ୍ଦେଶ୍ୟରେ ରାଜ୍ୟ ରାଜପଥ ପିଚୁ ରାସ୍ତାରେ ଯଦି ତାଳିପକା କାର୍ଯ୍ୟ କରାଯିବ ତାହାହେଲେ ଲୋକ କେତେ ଉପକୃତ ହେବେ ବୋଲି ସାଧରଣରେ ପ୍ରଶ୍ନ ଉଠିଛି ।ଏହିଭଳି ଏକ କାର୍ଯ୍ୟ ୬ମାସ ତଳେ କଳିଙ୍ଗା ଠାରୁ କ ନୂଆଗାଁ ପର୍ଯ୍ୟନ୍ତ ରାଜ୍ୟ ରାଜପଥର ରାସ୍ତା ମରାମତି ସହ ପିଚୁ ପକା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ସମୟରେ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ କଳିଙ୍ଗା, ନନ୍ଦଗିରି ଏବଂ ଘୁ.ଉଦୟଗିରି ଅଞ୍ଚଳବାସୀ ଅଭିଯୋଗ କରିବା ସହ କାର୍ଯ୍ୟ ବନ୍ଦ କରିଥିଲେ ।ପରବର୍ତ୍ତୀ ସମୟରେ ପୁଣି କାର୍ଯ୍ୟ ତରବରିଆ ଭାବେ କରି ସମାପ୍ତ କରାଗଲା। ଆଗକୁ କାର୍ଯ୍ୟ ଚାଲିଥିବା ବେଳେ ପଛପଟ କାର୍ଯ୍ୟରୁ ପିଚୁ ଉଠିବାରେ ଲାଗିଲାଣିୟକଳିଙ୍ଗା ଘୁ.ଉଦୟଗିରି ମୁଖ୍ୟ ସଡ଼କ ରାଜ୍ୟ ରାଜପଥ ନନ୍ଦଗିରୀ ନିକଟରେ ଆଜକୁ ମାତ୍ର ୬ ମାସ ପୂର୍ବରୁ ନିର୍ମାଣ ହୋଇଥିବା କଳିଙ୍ଗା ଠାରୁ ନୂଆଁ ଗାଁ ରାଜପଥର ଅବସ୍ଥା। କଳିଙ୍ଗା ଠାରୁ ଘୁ.ଉଦୟଗିରି ମଧ୍ୟରେ ଅନେକ ସ୍ଥାନରେ ଏପରି ପିଚୁ ଛାଡ଼ିଥିବା ଦେଖିବାକୁ ମିଳୁଛି। ଏହି କାର୍ଯ୍ୟ ପୂର୍ତ୍ତ ବିଭାଗ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ସୂଚନା ମିଳିଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏମିତି ପିଚୁ ଉଠି ଯାଉଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି ଏହିଭଳି ନିମ୍ନମାନର କାର୍ଯ୍ୟକୁ କିଭଳି ଅନୁମତି ମିଳିଛି ସେଇ ଠିକା ସାଂସ୍ଥାର ବିଲ କିଭଳି ପୈଠ ହୋଇଛି କିଏ ଏହି କାର୍ଯ୍ୟ ଦାୟିତ୍ୱରେ ଅଛନ୍ତି ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରରେ ତିନି ଦିନିଆ ତାଲିମ୍ ଶିବିର ଶୁଭାରମ୍ଭ



ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ତିନିଦିନିଆ ଜନଗଣନା ତାଲିମ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଛି। ଉକ୍ତ କର୍ମଶାଳାରେ ଆସନ୍ତା ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଜନଗଣନା କାର୍ଯ୍ୟ ଆରମ୍ଭ ହେବ। ଆଜିର ଏହି ତାଲିମ କାର୍ଯ୍ୟକ୍ରମରେ ୨୦୨୭ ଜନଗଣନା ପାଇଁ ମାଷ୍ଟର ଟ୍ରେନର ତଥା ତହସିଲଦାର ଆର . ଉଦୟଗିରି ଶ୍ରୀ ଜ୍ୟୋତିମୟ ଦାଶ ଓ ତହସିଲଦାର କାଶୀନଗର ଶ୍ରୀ ସୁଧୀର କୁମାର ନନ୍ଦ ଉପସ୍ଥିତ ଥିବା ସମସ୍ତ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ ଭାରତରେ ପ୍ରତି ୧୦ ବର୍ଷରେ ଥରେ ଦେଶରେ ଜନଗଣନା କରାଯାଇଥାଏ । ଶେଷ ଥର ପାଇଁ ଏହା ୨୦୧୧ ମସିହାରେ ଅନୁଷ୍ଠିତ ହୋଇଥିଲା। ମହାମାରୀ କୋଭିଡ ପାଇଁ ୨୦୨୧ ମସିହାରେ ଜନଗଣନା ହୋଇ ପାରିନଥିଲା ଯାହାକି ୨୦୨୭ ମସିହାରେ ହେବାକୁ ଯାଉଛି। ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବୟ ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲ ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ହେବ ଏହି କ୍ରମରେ ଗୃହ ତାଲିକା ଜନଗଣନା ହେବ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ନିର୍ଭୁଲ ଭାବେ ତଥ୍ୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଜନଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ୍ ମାଧ୍ୟମରେ ଘରକୁ ଘର ଯାଇ ସମସ୍ତ ତଥ୍ୟ ସଂଗ୍ରହ କରି ଅପଲୋଡ଼ କରାଯିବ। ଜିଲ୍ଲାର ସମସ୍ତ ବ୍ଲକ୍ ର ଗୃହ ତାଲିକା ଦୁର୍ଗମ ଅଂଚଳ ପ୍ରତି ଅଧିକ ଧ୍ୟାନ ଦିଆଯିବୟ ଏହାର ସୁପରିଚାଳନ ପାଇଁ ଜାତୀୟ ସ୍ତରୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିୟୋଜିତ କରାଯାଉଅଛି। ଏଥର ଦେଶରେ ପ୍ରଥମ କରି ଡିଜିଟାଲ ମାଧ୍ୟମରେ ଜନଗଣନା ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଗଣନା କେବଳ ବ୍ୟକ୍ତବିଶେଷଙ୍କ ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଲିପିବଦ୍ଧ ରହବା ଆବଶ୍ୟକ ରହିଅଛି।

# ପୁରାତନ ବଜାର ଗୃହକୁ ଭାଙ୍ଗିଲା ପୌର ପ୍ରଶାସନ



ଆସିକା (ମହାଭାରତ): ଆସିକା ସହର ର ମଧ ଭାଗରେ ଥିବା ସର୍ବପୁରାତନ ବଜାର ଗୃହ କୁ ଭାଙ୍ଗିଲା ପୌର ପ୍ରଶାସନ । ଏହି ମାର୍କେଟ ରେ ମୋଟ ୬୭ ଗୋଟି ପୁରାତନ ଗୃହ ରହିଥିଲା । କେତୋଟି ଘର ଭଗ୍ନ ଅବସ୍ଥା ରେ ରହିଥିଲା ତ ଆଉ କେତେ ଦୋକାନ କରିଥିବା ମାଲିକ ମାନେ ମରାମତି କରି ରହୁଥିଲେ। ଗତ ୨୦୦୦ ମସିହା ପୂର୍ବରୁ ଏହି ବଜାର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା । ସପ୍ତାହ ର ପ୍ରତ୍ୟେକ ସୋମବାର ଦିନ ହାଟ ବସୁଥିଲା । ଶଗଡ଼ ମାନଙ୍କ ରେ କଂସା, ବାସନ କୁସନ, ବିଭିନ୍ନ ହାତ ତିଆରି ଜିନିଷ, ଚାଷୀ ମାନଙ୍କ ପାଇ ବିହନ, ବନ ଜାତ ଦ୍ରବ୍ୟ ଏହି ହାଟ ରେ ବିକ୍ରିବଟା ହେଉଥିଲା । ଆଜି ଏହି ପୁରାତନ ବଜାର ଗୃହକୁ ପୌର ପ୍ରଶାସନ ପକ୍ଷରୁ ଭାଙ୍ଗି ସେଠାରେ ୦୨ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ ରେ ଏକ ନୂତନ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବାର ଯୋଜନା ରହିଛି ବୋଲି ଆସିକା ପୌରାଞ୍ଚଳ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଆଜିର ଏହି ଭଙ୍ଗା କାର୍ଯ୍ୟକ୍ରମ ରେ ସ୍ଥାନୀୟ ପୋଲିସ, ପୌରାଞ୍ଚଳ କର୍ମଚାରୀ ଯୋଗ ଦେଇଥିଲେ ।

## ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ

ଅସ୍ତରଙ୍ଗ, (ମହାଭାରତ ): ସୋମବାର ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଜନଶୁଣାଣୀ ଶିବିରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତ ଦେଖି ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ମଧ୍ୟରୁ କେତେକ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ପୂର୍ବରୁ କେତେକ ଅଭିଯୋଗ କରିଆସୁଥିଲେ ମଧ୍ୟ ତାହା ସମାଧାନ ହେଉନଥିବାରୁ ଅନ୍ୟ କେତେକ ଅଭିଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ ସେ ଯାହା ହେଉନା କାହିଁକି ବ୍ଲକସ୍ତରୀୟ ଏହି ଜନାଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହରା,ଉପଜିଲ୍ଲାପାଳ ରାଜକିଶୋର ଜେନା,ଅତିରିକ୍ତ ପ୍ରାକଳ ନିର୍ଦ୍ଦେଶକ ରାଜୀବ ଲୋଚନ ବେହେରା ଅଭିଯୋଗ ଶୁଣାଣି କରିଥିଲେ ଅଭିଯୋଗ ପ୍ରକୋଷ୍ଠରେ ମୋଟ୍ ୮୦ଟି ଅଭିଯୋଗ ଗ୍ରହଣ ହେବା ବେଳେ ଅଭିଯୋଗ କରିବାକୁ ଆସିଥିବା ଲୋକମାନେ ନାମ ପଞ୍ଜିକରଣ କରିଥିଲେ ଜଣ ଜଣକୁ ଡାକି ଅଭିଯୋଗକୁ ଶୁଣିବା ସମେତ ଆବଶ୍ୟକ ସ୍ଥଳେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗକୁ ହସ୍ତାନ୍ତର କରାଯାଇଛି ଅଭିଯୋଗ,ଭତ୍ତା,ପାନୀୟଜଳସମସ୍ୟା,ଶିକ୍ଷା,ସ୍ୱାସ୍ଥ୍ୟ,ଉତ୍ତୟମୂଳକ କାର୍ଯ୍ୟ,ପିଡ଼ିଏସ୍,ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ଅବକାରୀ,ମିଶନ ଶକ୍ତି,ସମ୍ମନ୍ବିବ ମହିଳା ଶିଶୁ ବିକାଶ,ଜିଲ୍ଲା ପରିବହନ ବିଭାଗ,ଜଙ୍ଗଲ ବିଭାଗ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ଲୋକମାନେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଉପସ୍ଥିତିରେ ଅଭିଯୋଗ ଗୁଡିକକୁ ଯା□ କରି ତାହା କିପରି ସମାଧାନ ହେବେ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ,ଅନ୍ୟ ଅଭିଯୋଗ ଗୁଡିକକୁ ଆବଶ୍ୟକ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ଜିଲ୍ଲା ଓ ବ୍ଲକସ୍ତରୀୟ ବିଭାଗର ପଦାଧିକାରୀ ଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ବାହାରେ ଅପେକ୍ଷାରତ ଲୋକମାନେ କିପରି ସୁବିଧାରେ ଯାଇ ଅଭିଯୋଗ କରିପାରେ ସେ ଦିଗରେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ଓ ଅନ୍ୟ ପ୍ରତିନିଧିମାନେ ସହଯୋଗ କରିଥିଲେ।

## ଗୋବିନ୍ଦପୁରରୁ ବିପୁଳ ପରିମାଣର ବାଣ ଜବତ: ଥାନାରେ ମାମଲା

କେନ୍ଦୁଝର (ମହାଭାରତ): ଟାଉନ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଆଜି ଏକ ଦୋକାନ ଘରେ ଚଢ଼ାଉ ବେଳେ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯିବା ସହ ଅବୈଧ ଭାବେ ବାଣ ଜମା କରି ରଖିଥିବା ବ୍ୟାବସାୟୀଙ୍କୁ ଥାନାରେ ଅଟକ ରଖା ଯାଇଛି। ସୂଚନା ଅନୁସାରେ ଗୋବିନ୍ଦପୁର ଗ୍ରାମର ପ୍ରତାପ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଜନବସତିରୁ ଦୂରରେ ବାମ୍ପାର ସାଇ ମନ୍ଦିର ନିକଟରେ ବାଣ ଗଚ୍ଛିତ ରଖିବା ପାଇଁ ଅନୁମତି ପାଇଥିଲେ ମଧ୍ୟ ସେ ଗୋବିନ୍ଦପୁରର ଏକ ଦୋକାନ ରେ ବାଣ ଗଛିତ ରଖିବା ସହ ବିକ୍ରୟ କରୁଥିଲେ ।ସୂଚନା ପାଇ କେନ୍ଦୁଝର ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଏହି ଦୋକାନ ଉପରେ ଚଢାଓ କରି ବିପୁଳ ପରିମାଣର ବାଣ ଜବତ କରିଥିଲା। ବ୍ୟବସାୟୀ ପ୍ରତାପଙ୍କୁ ଥାନାରେ ଅଟକ ରଖା ଯାଇ ପଚରାଉଚରା ଜାରି ରହିଥିବା ଜଣା ପଡ଼ିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୭ ଟ୍ରିପ ବାଣ ଜବତ ହୋଇଥିବା ସୂଚନା ମିଳିଛି।

## ହାତୀ ଆକ୍ରମଣ ରେ ମୃତ ପରିବାର ଙ୍କୁ ବନପାଳ ପ ରୁ ଅନୁକମ୍ପା ରାଶି ପ୍ରଦାନ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପାଟଣା ବନପାଳ ଅନ୍ତର୍ଗତ ସାହାରପଡା ବନପାଳ ଅଧିନସ୍ଥ ଜାରକାଣିବେଡା ଗ୍ରାମରେ ଏକ ଗୋଠ ଛଡ଼ା ହାତୀ ଆକ୍ରମଣ ରେ ଗୁରୁତର ଆହତ ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସାଧିନ ଅବସ୍ଥା ମୃତ୍ୟୁ ବରଣ କରିଥିବା ଟଭାସୁରୁଆ ବେଣୁଧର ନାୟକ ପରିବାର ଙ୍କୁ ସରକାର ଙ୍କ ତରଫ ରୁ ଦଶଲକ୍ଷ ଟଙ୍କା ଅନୁକମ୍ପା ରାଶି ରହିଥିବା ବେଳେ ସ୍ୱର୍ଗତ ବେଣୁଧର ଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଟଭାସୁରୁଆ ବାସଭବନ ରେ ପାଟଣା ବନା□ଳ ଅଧିକାରୀ ମାନେ ପହଞ୍ଚି ପିତା ଧ୍ରୁବ ଚରଣ ନାୟକ ଓ ମାଆ ଗୌରୀ ନାୟକ ଙ୍କୁ ଏକଲକ୍ଷ ଟଙ୍କା ଅନୁକମ୍ପା ରାଶି ଚେକ୍ ପ୍ରଦାନ କରାଯାଇ ଛି। ଏହି ଅନୁକମ୍ପା ରାଶି ପ୍ରଦାନ ଅବସର ରେ ସାହାରପଡା ବ୍ଲକ ଅଧକ୍ଷା ରିନା ନାଏକ, ବଡ଼ବିଲ ସରପ□ ସୁଭଦ୍ରା ନାଏକ, ପାଟଣା ଥାନା ସାଂସଦ ପ୍ରତିନିଧି ଯୁଧିଷ୍ଟିର ମହାନ୍ତ,ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର,ବନପାଳ ଅଧିକାରୀ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଅଧିକାରୀ ଶ୍ରୀମନ୍ତ ମହାନ୍ତି,ବନ କର୍ମଚାରୀ ଦୀପକ କୁମାର ରଣା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ଗୁମ୍ମା ବ୍ଲକ ପଞ୍ଚାୟତ ସମିତିର ସମୁଦାୟ ମୋଟ-୮୬ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୫୬ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୩୦ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଘୋର ଆର୍ଥିକ ସଙ୍କଟରେ ପାକିସ୍ତାନ

ଇସଲାମାବାଦ: ଗୁରୁତର ଆର୍ଥିକ ସଂକଟରେ ପଡ଼ି ପାକିସ୍ତାନ ସାଉଦି ଆରବରୁ ସହାୟତା ମାଗିଛି । ମିଳିଥିବା ସୂଚନା ମୁତାବକ, ପାକିସ୍ତାନ ସରକାର ସାଉଦି ଆରବକୁ ୮ଟି ଅନୁରୋଧ କରିଛନ୍ତି। ଏଥିରେ ମୁଖ୍ୟ ରୂପରେ ବିଦ୍ୟମାନ ୫ ବିଲିୟନ ଡଲାରର ଜମାକୁ ୧୦ ବର୍ଷର ଦୀର୍ଘକାଳୀନ ସୁବିଧାରେ ପରିଣତ କରିବା ଏବଂ ତୈଳ ଯୋଗାଣର ସ୍ଥଗିତ ଦେୟ ସୁବିଧାକୁ ୧.୨ ବିଲିୟନ ଡଲାରରୁ ୫ ବିଲିୟନ ଡଲାରକୁ ବୃଦ୍ଧି କରିବା ଅନ୍ତର୍ଭୁକ୍ତ।

ପାକିସ୍ତାନ ଚାହୁଁଛି, ସାଉଦି ଆରବ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପକୁ ହ୍ରାସ କରିବା ଏବଂ ମହଙ୍ଗା ବିଦେଶୀ ଋଣକୁ ଏଡ଼ାଇବା ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନରେ ସାଉଦି ଆରବ ରଖିଥିବା ୫ ବିଲିୟନ ଡଲାରର ଜମାକୁ ସ୍ୱଳ୍ପ ମିଆଦୀରୁ ୧୦ ବର୍ଷର ଦୀର୍ଘମିଆଦୀ ସୁବିଧାରେ ପରିଣତ କରୁ। ଏଥିସହିତ ବିଳମ୍ବିତ ଦେୟ ଉପରେ ତୈଳ ସୁବିଧାକୁ ୫ ବିଲିୟନ ଡଲାରକୁ ବୃଦ୍ଧି କରିବା ଏବଂ ପରିଶୋଧ ଅବଧିକୁ ଏକ ବର୍ଷରୁ ତିନି ବର୍ଷକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି। ଏହା ବ୍ୟତୀତ ପାକିସ୍ତାନ ବିଦେଶରେ ରହୁଥିବା ପାକିସ୍ତାନୀମାନଙ୍କ ଟଙ୍କା (୧୦ ବିଲିୟନ ଡଲାର ପର୍ଯ୍ୟନ୍ତ) ସିକ୍ୟୋରିଟାଇଜ୍ କରିବା ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ପାଇଁ ମଧ୍ୟ ଅନୁରୋଧ କରିଛି। ପାକିସ୍ତାନ ସହ ଜଡିତ ଆମଦାନି କାରବାର ପାଇଁ ବ୍ୟାଙ୍କ ଗ୍ୟାରେଣ୍ଟିର ଆବଶ୍ୟକତାକୁ ସହଜ କରିବା ଏବଂ ସାଉଦି ସମ୍ପ୍ରଭୁ ଧନ ନିଧି, ପବ୍ଲିକ୍ ଇନଭେଷ୍ଟମେଣ୍ଟ ଫଣ୍ଡ ମାଧ୍ୟମରେ ପୁଞ୍ଜି ବିନିଯୋଗର ସୁଯୋଗ ଅନୁସନ୍ଧାନ କରିବାକୁ ଶେହବାଜ ସରକାର ସାଉଦି ଆରବକୁ ଅନୁରୋଧ କରିଛନ୍ତି। ପାକିସ୍ତାନ ଓ ସାଉଦି ଆରବ ଏକ ବିସ୍ତୃତ ଅର୍ଥନୈତିକ ଭାଗିଦାରୀ ପାଇଁ ଆଲୋଚନା କରୁଛନ୍ତି। ତେବେ ଏହି ପ୍ରସ୍ତାବ ଉପରେ ରିୟାଦ ପକ୍ଷରୁ ତୁରନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ। ପାକିସ୍ତାନ ବର୍ତ୍ତମାନ ଏହାର ଅର୍ଥନୀତି ଉପରେ ବାହ୍ୟ ଚାପ ମଧ୍ୟରେ ଅତିରିକ୍ତ ଆର୍ଥିକ ସ୍ଥିରତା ହାସଲ ପାଇଁ ୭ ବିଲିୟନ ଡଲାରର ଏକ୍ସଟେଣ୍ଡେଡ୍ ଫଣ୍ଡ ସୁବିଧା କାର୍ଯ୍ୟକ୍ରମର ତୃତୀୟ ସମୀକ୍ଷା ଶେଷ କରିବାକୁ ଆଇଏମ୍ ?ଏଫ୍ ? ସହିତ ଆଲୋଚନା କରୁଛି।

## ମଧ୍ୟପ୍ରାଚ୍ୟ ମହାସଙ୍କଟ: ଇରାନ ଉପରେ ଇସ୍ରାଏଲର ଘନଘନ ଆକ୍ରମଣ

ତେହେରାନ: ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଏହାର ସାମରିକ ଅଭିଯାନକୁ ଜୋରଦାର କରିଛି। ଇସ୍ରାଏଲ ତେହେରାନ, ଇସଫାହାନ ଓ ଦକ୍ଷିଣ ଇରାନ ଉପରେ ଏହାର ଆକ୍ରମଣକୁ ବ୍ୟାପକ କରିଥିବା ଘୋଷଣା କରିଛି। ଆଇଡିଏଫ୍ (ଇସ୍ରାଏଲ ପ୍ରତିରକ୍ଷା ବାହିନୀ) ଏନେଇ ଏକ ବିବୃତି ଜାରି କରିଛି। ତୈଳଭଣ୍ଡାରଗୁଡ଼ିକୁ ଟାର୍ଗେଟ୍ କରି ଇସ୍ରାଏଲ ଲଗାତାର ଆକ୍ରମଣ ଜାରି ରଖିଥିବାରୁ ଇରାନରେ ଏବେ ବିନାଶକାରୀ ସ୍ଥିତି ଉପୁଜିଛି। ତୈଳଭଣ୍ଡାରରେ ଯେଉଁଭଳି ନିଆଁ ଜଳୁଛି ସେଥିରେ ରାତି ବି ଦିନ ହୋଇଯାଉଛି। ଇସ୍ରାଏଲ ଇରାନରେ ୩୦ରୁ ଅଧିକ ତୈଳଭଣ୍ଡାର ଉପରେ ଟାର୍ଗେଟ୍ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ଆକ୍ରମଣଜନିତ ନିଆଁରୁ ୪ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ଇସ୍ରାଏଲର ଏହି କାର୍ଯ୍ୟରେ ଆମେରିକା ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଇସ୍ରାଏଲ ଏହି ଆକ୍ରମଣ ସଂକ୍ରାନ୍ତରେ ଆମେରିକାକୁ ପୂର୍ବରୁ ସୂଚନା ଦେଇଥିଲା। କିନ୍ତୁ ଆମେରିକା ଯେଉଁଭଳି ଆଶା କରୁଥିଲା ତା'ଠାରୁ ମଧ୍ୟ ଏହି ଆକ୍ରମଣ ଆହୁରି ଭୟଙ୍କର ହୋଇଛି। ଇସ୍ରାଏଲର ଏହି ଆକ୍ରମଣରେ ଆମେରିକା ଆଶ୍ଚର୍ଯ୍ୟ ହୋଇଯାଇଛି। ତୈଳଭଣ୍ଡାର ଉପରେ ଆକ୍ରମଣ ଦ୍ୱାରା ଇରାନରେ ଅଣାୟତ୍ତ ସ୍ଥିତି ଉପୁଜିଛି। 'ଏସିଡ୍ ବର୍ଷା' ହେବ ବୋଲି ଆତଙ୍କ ସୃଷ୍ଟି ହୋଇଛି ଏବଂ ଏଥିପାଇଁ ଲୋକମାନଙ୍କୁ ଘରେ ରହିବାକୁ କୁହାଯାଇଛି। ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲର ଏହି ଆକ୍ରମଣକୁ ପସନ୍ଦ କରୁନାହାନ୍ତି। ସେ ତୈଳକୁ ସୁରକ୍ଷିତ ରଖିବାକୁ ଚାହାନ୍ତି। ଟ୍ରମ୍ପ ତେଲ ଜାଳିବା ପାଇଁ ଚାହାନ୍ତିନି ବୋଲି ତାଙ୍କ ପରାମର୍ଶଦାତା କହିଛନ୍ତି। ଅନ୍ୟପକ୍ଷେ ତୈଳ ଭଣ୍ଡାର ଉପରେ ଆକ୍ରମଣ ଦ୍ୱାରା ଇରାନ କ୍ଷୁବ୍ଧ ହୋଇଛି। ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନ ଚେତାଇ ନେଇଛି। ଇସ୍ରାଏଲକୁ କଡ଼ା ଜବାବ ଦେବାକୁ ଯାଇ ଇରାନ ଆଜି ଇସ୍ରାଏଲ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। କେନ୍ଦ୍ରୀୟ ଇସ୍ରାଏଲରେ ଇରାନର କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଜଣେ ଇସ୍ରାଏଲୀ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଏଥିସହ ଯୁଦ୍ଧ ଯୋଗୁ ଇସ୍ରାଏଲରେ ମୋଟ୍ ୧୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହେଲାଣି। ଇତି ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସଙ୍କେତ ଦେଇଛନ୍ତି ଯେ, ସଂଘର୍ଷ ଆଗକୁ ଆହୁରି ଭୟଙ୍କର ହେବ। ନେତାନ୍ୟାହୁ କହିଛନ୍ତି, ଯୁଦ୍ଧର ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ଆଶ୍ଚର୍ଯ୍ୟକର ଘଟଣା ଘଟିବ। ଉଲ୍ଲେଖଯୋଗ୍ୟ, ଫେବ୍ରୁଆରି ୨୮ ତାରିଖରେ ଆରମ୍ଭ ହୋଇଥିବା ଯୁଦ୍ଧର ପ୍ରଥମ ସପ୍ତାହରେ ୧୬ ରାଷ୍ଟ୍ରରେ ୧ ହଜାରରୁ ଅଧିକ ହିଂସାତ୍ମକ ଘଟଣା ଘଟିଲାଣି।

## ୨୦୨୦ ଦିଲ୍ଲୀ ଦଙ୍ଗା: ସର୍ଜିଲ ଇମାମକୁ ମିଳିଲା ୧୦ ଦିନିଆ ଜାମିନ

ନୂଆଦିଲ୍ଲୀ: ୨୦୨୦ ଦିଲ୍ଲୀଦଙ୍ଗା ମାମଲାର ଅଭିଯୁକ୍ତ ଜେଏନ୍ୟୁର ପୂର୍ବତନ ଛାତ୍ର ସର୍ଜିଲ ଇମାମକୁ ଦିଲ୍ଲୀର ଏକ କୋର୍ଟ ୧୦-ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସର୍ଜିଲକୁ ଏହି ଜାମିନ ତା'ର ସାନଭାଇର ବିବାହରେ ଯୋଗ ଦେବା ଓ ଅସୁସ୍ଥ ମା' ସହିତ କିଛି ସମୟ ବିତେଇବାକୁ ପ୍ରଦାନ କରାଯାଇଛି। ୨୦୨୦ ଫେବ୍ରୁଆରିରେ ଦିଲ୍ଲୀରେ ହୋଇଥିବା ଦଙ୍ଗା ପଛରେ ବଡ଼ ଷଡ଼୍ଯନ୍ତ୍ର ଅଭିଯୋଗରେ ଇମାମକୁ ଗିରଫ କରାଯାଇଥିଲା। ଏଥିରେ ୫୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭୦୦ରୁ ଅଧିକ ଆହତ ହୋଇଥିଲେ। ନାଗରିକ ସଂଶୋଧନ ଆଇନ (ସିଏଏ) ବିରୋଧରେ ପ୍ରତିବାଦ କରିବାକୁ ବଡ଼ଧରଣର ଷଡ଼୍ଯନ୍ତ୍ର ରଚା ଯାଇଥିଲା ବୋଲି ସରକାର କହିଥିଲେ। କୋର୍ଟରେ ଇମାମର ପକ୍ଷ ରଖି ଓକିଲ କହିଥିଲେ, ଇମାମ ପାଞ୍ଚ ବର୍ଷ ହେଲା ଜେଲରେ ବନ୍ଦ ଥିବାବେଳେ ତାଙ୍କୁ ସାମୟିକ ଭାବେ ମଧ୍ୟ କେବେ ବି ଜାମିନ୍ ମିଳିନାହିଁ। ଇମାମଙ୍କ ମା' ଅସୁସ୍ଥ ଥିବା ବେଳେ ତାଙ୍କ ଭାଇଙ୍କ ବାହାଘର ପାଇଁ ପ୍ରସ୍ତୁତି କରିବାକୁ କେହି ନାହାନ୍ତି, ତେଣୁ ତାଙ୍କୁ ଜାମିନ ପ୍ରଦାନ କରାଯାଉ। ଅନ୍ୟପକ୍ଷରେ ସରକାରୀ ପକ୍ଷ ଏହି ଆବେଦନକୁ ବିରୋଧ କରିଥିଲେ। ବିବାହ କାର୍ଯ୍ୟକ୍ରମ ପାଇଁ ତାଙ୍କର ଉପସ୍ଥିତି ଜରୁରୀ ନୁହେଁ। ଅଭିଯୁକ୍ତ ବାହାରକୁ ଆସିଲେ ପ୍ରମାଣ ନଷ୍ଟ କରିବା କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବା ଆଶଙ୍କା ରହିଥିବା ଯୁକ୍ତି ରଖିଥିଲେ। ଦିଲ୍ଲୀର କରକରଡୁମା କୋର୍ଟ ଇମାମଙ୍କୁ ଜାମିନ ସମୟରେ କୌଣସି ସାକ୍ଷ୍ୟ କିମ୍ବା ମାମଲା ସହିତ ଜଡ଼ିତ ଲୋକଙ୍କୁ ଯୋଗାଯୋଗ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ଅବଧି ଶେଷ ହେବା ପରେ ଇମାମ ମାର୍ଚ୍ଚ ୩୦ ତାରିଖରେ ଜେଲ ଅଧୀକ୍ଷକଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିବା ଓ କୋର୍ଟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। କୋର୍ଟ ୫୦,୦୦୦ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ଓ ସମାନ ପରିମାଣର ଦୁଇ ଜାମିନଦାରଙ୍କ ବଦଳରେ ଏହି ଜାମିନ ପ୍ରଦାନ କରିଛନ୍ତି।

# ପ୍ରତ୍ୟେକ ଗାଁକୁ ସ୍ୱାସ୍ଥ୍ୟ ସେବାର ପହଞ୍ଚ ବୃଦ୍ଧି ପାଇଛି: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଜେଟ୍ ପରବର୍ତ୍ତୀ ୱେବିନାର ସିରିଜର ଚତୁର୍ଥ ୱେବିନାରରେ 'ସବକା ସାଥ ସବକା ବିକାଶ–ଲୋକଙ୍କ ଆକାଂକ୍ଷା ପୂରଣ' ବିଷୟ ଉପରେ ଉଦ୍ବୋଧନ ରଖି କହିଛନ୍ତି ଯେ ଦେଶରେ ପ୍ରତ୍ୟେକ ଗାଁକୁ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ ସରକାର ସଫଳତା ପାଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡା ଓ ସଂସ୍କୃତି କ୍ଷେତ୍ର ଦେଶର ସାମଗ୍ରିକ ଉନ୍ନତିର ପ୍ରମୁଖ ଆଧାର। ବଜେଟ୍‌ରେ ଘୋଷିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ବିଶେଷଜ୍ଞ ଓ ନୀତିନିର୍ଦ୍ଧାରକମାନଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ।

ସେ କହିଥିଲେ ଯେ ପ୍ରତିରୋଧକ ଓ ସାମଗ୍ରିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ଶକ୍ତିଶାଳୀ କରିବା ଉପରେ ଭାରତ ଗୁରୁତ୍ୱ ଦେଉଛି। ଦେଶର ଅନେକ ଜିଲ୍ଲାରେ ନୂଆ ମେଡିକାଲ କଲେଜ ଖୋଲାଯାଇଛି ଏବଂ ଆୟୁଷ୍ମାନ ଭାରତ ଯୋଜନା ଓ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଗ୍ରାମୀଣ ଅଞ୍ଚଳରେ ମଧ୍ୟ ସ୍ୱାସ୍ଥ୍ୟ ସେବା ପହଞ୍ଚ ବଢ଼ିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଡିଜିଟାଲ ରୂପାନ୍ତରଣ ଉଲ୍ଲେଖ କରି ସେ କହିଥିଲେ ଯେ ଟେଲିମେଡିସିନ ମାଧ୍ୟମରେ ଦୂରଦୂରାନ୍ତ ଅଞ୍ଚଳର ଲୋକମାନେ ମଧ୍ୟ ସହଜରେ ଡାକ୍ତରଙ୍କ ପରାମର୍ଶ ପାଇପାରୁଛନ୍ତି। ଏହାର ବ୍ୟବହାରକୁ ଆହୁରି ସରଳ କରିବା ସହିତ ସଚେତନତା ବୃଦ୍ଧି ଆବଶ୍ୟକ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ଦେଶର ଯୁବପିଢ଼ିଙ୍କୁ ଭାରତର ସବୁଠାରୁ ବଡ଼ ଶକ୍ତି ବୋଲି ବର୍ଣ୍ଣନା କରିଥିଲେ। ନୂତନ ଶିକ୍ଷା ନୀତି ମାଧ୍ୟମରେ ଶିକ୍ଷାକୁ ନିଯୁକ୍ତି ଓ ଉଦ୍ୟମିତା ସହିତ ଯୋଡ଼ିବା ପାଇଁ ପ୍ରୟାସ ହେଉଛି। ବିଶେଷକରି ଇଓ, ଅଟୋମେସନ ଓ ଡିଜିଟାଲ ଅର୍ଥନୀତି ଭଳି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଆଗକୁ ଆଣିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ ଓ କମିକ୍ସ (ଇଠଏଉ) କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେଉଥିବା କଥା କହି ଶିକ୍ଷାନୁଷ୍ଠାନଗୁଡ଼ିକୁ ଶିଳ୍ପ ସହଯୋଗ ଓ ଗବେଷଣାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। କ୍ରୀଡା କ୍ଷେତ୍ରରେ କଷରକ୍ଷଙ୍କ ଓଭୟସବ ପରି ପଦକ୍ଷେପ ଦ୍ୱାରା ଛୋଟ ସହର ଓ ଗ୍ରାମ ଅଞ୍ଚଳରୁ ମଧ୍ୟ ପ୍ରତିଭା ଚିହ୍ନଟ ହେଉଥିବା ବୋଲି ସେ କହିଥିଲେ। ଆଗାମୀ ଅଲିମ୍ପିକ୍ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ପାଇଁ ଏବେଠାରୁ ଯୁବ କ୍ରୀଡାବିତମାନଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ।

ପର୍ଯ୍ୟଟନ ଓ ସଂସ୍କୃତି କ୍ଷେତ୍ରରେ ବିଶାଳ ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପାରମ୍ପରିକ ପର୍ଯ୍ୟଟନସ୍ଥଳୀ ସହିତ ନୂତନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ବିକାଶ କରିବା ଉପରେ ସରକାର ଧ୍ୟାନ ଦେଉଛି। ଶେଷରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାର, ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ବଢ଼ିଲେ ଦେଶର ଉନ୍ନତି ଆହୁରି ତ୍ୱରାନ୍ୱିତ ହେବ ଏବଂ ଏକ ବିକଶିତ ଭାରତ ଗଠନର ଭିତ୍ତି ମଜବୁତ ହେବ।

## ବିଶ୍ୱରେ ଯୁଦ୍ଧର ନିଆଁ: ଆକାଶଛୁଆଁ ଅଶୋଧିତ ତୈଳ ଦର



ନୂଆଦିଲ୍ଲୀ: ବିଶ୍ୱରେ ଯୁଦ୍ଧର ନିଆଁ । ଆକାଶଛୁଆଁ ଅଶୋଧିତ ତୈଳ ଦର । ୧୦୦ ଡଲାର ପାର୍ କଲା ଦର । ଇରାନ ସହ ଆମେରିକା ଓ ଇସ୍ରାଏଲ୍ ର ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଊକ୍ୱଙ୍କୟର ଡ଼ସକ୍ଷ ଦରରେ ପ୍ରବଳ ବୃଦ୍ଧି ହୋଇଛି । ୨୦୨୨ ପରେ ପ୍ରଥମ ଥର ପାଇଁ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ଟପିଛି । ମଧ୍ୟ-ପ୍ରାଚ୍ୟରୁ ତେଲ ଯୋଗାଣ ବାଧାପ୍ରାପ୍ତ ହେବାରୁ ଦାମ୍ ପ୍ରାୟ ୨୫ ପ୍ରତିଶତରୁ ଅଧିକ ବଢ଼ିଛି । ଆନ୍ତର୍ଜାତୀୟ ବଜାରରେ 'ବ୍ରେଣ୍ଟ କ୍ରୁଡ୍' ଦର ବୃଦ୍ଧି ପାଇ ବ୍ୟାରେଲ ପିଛା ପ୍ରାୟ ୧୧୬ ଡଲାରରେ ପହଞ୍ଚିଛି । ଯୁଦ୍ଧ ଜାରି ରହିଲେ ଏହା ୧୫୦ ଡଲାର ପର୍ଯ୍ୟନ୍ତ ଯାଇପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ଇରାନ ଓ ଆଖପାଖ ଦେଶଗୁଡ଼ିକରୁ ତେଲ ଆସୁଥିବା ମୁଖ୍ୟ ସାମୁଦ୍ରିକ ପଥ- ଝଗ୍ରକ୍ୱବସଗ୍ମ କ୍ଟଲ ଐକ୍ଟକ୍ୱଙ୍କଙ୍କଛ ବନ୍ଦ ଫଳରେ ସଙ୍କଟ ଦେଖାଦେଇଛି । କୁଏତ, ୟୁଏଇ ଓ ଇରାକ ଭଳି ଦେଶ ମଧ୍ୟ ତେଲ ଉତ୍ପାଦନ କମାଇବାକୁ ବାଧ୍ୟ ହୋଇଛନ୍ତି । ଏପଟେ ବିଶ୍ୱ ବଜାରରେ ଦାମ୍ ବଢୁଥିଲେ ମଧ୍ୟ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିନାହିଁ । ଦିଲ୍ଲୀରେ ପେଟ୍ରୋଲ ଏବେ ମଧ୍ୟ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ୮୭ ଟଙ୍କା ୬୭ ପଇସା ରହିଛି । ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ମଧ୍ୟ ଦାମ୍ ସ୍ଥିର ରହିଛି। ଭାରତ ପାଖରେ ପ୍ରାୟ ୨୫ରୁ୩୦ ଦିନ ପାଇଁ ପର୍ଯ୍ୟାପ୍ତ ତେଲ ଗଚ୍ଛିତ ଅଛି । ଭାରତ ଏବେ କେବଳ ମଧ୍ୟ-ପ୍ରାଚ୍ୟ ଉପରେ ନିର୍ଭର ନକରି ରୁଷିଆ ଭଳି ଅନ୍ୟ ଦେଶରୁ ଅଧିକ ତେଲ କିଣୁଛି । ସାଧାରଣ ଲୋକଙ୍କ ଉପରେ ମହଙ୍ଗା ମାଡ଼ ନହେବା ପାଇଁ ସରକାର ଏବେ ଦର ବଢ଼ାଇବାକୁ ମନା କରିଦେଇଛନ୍ତି । ଯଦି ଯୁଦ୍ଧ ଅଧିକ ଦିନ ଧରି ଚାଲେ, ତେବେ ଆଗକୁ ଭାରତରେ ମଧ୍ୟ ତେଲ ଦର ବଢ଼ିବାର ସମ୍ଭାବନା ରହିଛି ।

## ଗ୍ୟାସ୍ ସିଲିଣ୍ଡର ପାଇଁ ଆତଙ୍କିତ ଗ୍ରାହକ: ବଢୁଛି ବୁକିଂ

ନୂଆଦିଲ୍ଲୀ: ଯୁଦ୍ଧ ପାଇଁ ଆଗକୁ ଆଉ ଏଲ୍‌ପିଜି ମିଳିବନି। ଏଭଳି ଗୁଜବ ପ୍ରଚାର ହେଉଥିବାରୁ ଦେଶର ବିଭିନ୍ନ ସହରରେ ଏଲ୍‌ପିଜିକୁ ନେଇ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ଲୋକମାନେ ଖାଲି ସିଲିଣ୍ଡର ନେଇ ବିତରଣ ଏଜେନ୍ସି ସାମ୍ନାରେ ଲମ୍ବା ଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ସୋମବାର ନୋଏଡାର ସେକ୍ଟର ୨୨, ଉତ୍ତରପ୍ରଦେଶର ସୀତାପୁର ଜିଲ୍ଲାର ଏକ ଗାଁରୁ ଏଲ୍‌ପିଜିକୁ ନେଇ ଗ୍ରାହକଙ୍କ ଲମ୍ବା ଧାଡ଼ି ବିଶିଷ୍ଟ ଭିଡିଓ ଭାଇରାଲ୍ ହୋଇଛି। ଦେଶରେ ଏଲ୍‌ପିଜିର କୌଣସି ଅଭାବ ନାହିଁ ଓ ଗୁଜବରେ ବିଶ୍ୱାସ ନ କରିବାକୁ ସରକାର ବାରମ୍ବାର କହୁଥିଲେ ମଧ୍ୟ ତାହା ଲୋକମାନଙ୍କ ମନରେ ରହିଥିବା ଉଦବେଗକୁ ଦୂର କରିପାରିନାହିଁ। ଯୋଗାଣକାରୀଙ୍କ ମତରେ ବର୍ତ୍ତମାନ ସୁଦ୍ଧା ଏଲ୍‌ପିଜିର କୌଣସି ଅଭାବ ନାହିଁ। କିନ୍ତୁ ଗତ କିଛି ଦିନ ହେଲାଣି ଆତଙ୍କିତ ହୋଇ ସିଲିଣ୍ଡର କିଣୁଥିବା ଗ୍ରାହକଙ୍କ ସଂଖ୍ୟା ବହୁତ ବଢ଼ିଛି। ଗତ ସପ୍ତାହରେ ସରକାର ଏଲ୍‌ପିଜି ଦର ବଢ଼ାଇଥିଲେ। ତେଣୁ ଲୋକମାନଙ୍କ ମନରେ ଭୟ ଆହୁରି ବଢ଼ିଯାଇଛି। କିଛି ଲୋକଙ୍କୁ କଳାବଜାରରୁ ଏଲ୍‌ପିଜି କିଣିବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ ମଧ୍ୟ ଆସିଛି। ଇତି ମଧ୍ୟରେ ଏଲ୍‌ପିଜି ବୁକିଂ ବହୁତ



ବଢ଼ିଯାଇଥିବା ବେଳେ ଲକ୍ ଇନ୍ ଅବଧି ୨୧ ଦିନକୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଅବଧି ୧୫ ଦିନ ଥିଲା। ଏହାର ଅର୍ଥ ହେଉଛି ଜଣେ ଗ୍ରାହକ ଗୋଟିଏ ସିଲିଣ୍ଡର ବୁକିଂ କରିବାର ୨୧ ଦିନ ମଧ୍ୟରେ ଆଉ ଗୋଟିଏ ସିଲିଣ୍ଡର ବୁକିଂ କରିପାରିବେ ନାହିଁ। ଦୁଇଟି ସିଲିଣ୍ଡର ରଖିଥିବା ଗ୍ରାହକଙ୍କ ପାଇଁ ଲକ୍-ଇନ୍ ଅବଧିକୁ ୩୦ ଦିନକୁ ବୃଦ୍ଧି କରାଯାଇଛି। ଭାରତ ଏହାର ଏଲ୍‌ପିଜି ଆବଶ୍ୟକତାର ଦୁଇ ତୃତୀୟାଂଶ ଆମଦାନୀ ଜରିଆରେ ପୂରଣ କରିଥାଏ। ଏହା ମୁଖ୍ୟତଃ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କତର, ସାଉଦି ଆରବ ଓ କୁଏତରୁ ଅଧିକ ଏଲ୍‌ପିଜି କିଣୁଛି। ତାହା ବିଶ୍ୱର ପ୍ରମୁଖ ଜଳପଥ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ। ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିବା ପରଠାରୁ ଏହି ଜଳପଥରେ ପରିବହନ ବାଧାପ୍ରାପ୍ତ ହୋଇଛି। ଏଲ୍‌ପିଜି ଯୋଗାଣ କରୁଥିବା ଦେଶଗୁଡ଼ିକରେ ଥିବା ଆମେରିକା ଘାଟି ଉପରେ ମଧ୍ୟ ଇରାନ ଆକ୍ରମଣ କରୁଥିବାରୁ ସେଠାରେ ମଧ୍ୟ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଯୁଦ୍ଧ ଦଶମ ଦିନରେ ପହଞ୍ଚିଛି। ଯଦି ତାହା ଜାରି ରହିବ ତେବେ ଯୋଗାଣ ନିଶ୍ଚିତ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି।

## ଗୁରୁଗ୍ରାମରେ ମାଟି ଧସି ୭ ଶ୍ରମିକ ମୃତ

ଗୁରୁଗ୍ରାମ: ହରିୟାଣାର ଗୁରୁଗ୍ରାମ ଜିଲ୍ଲାର ସିଧରାୱାଲିରେ ସିଗନେଚର ଗ୍ଲୋବାଲ୍ ନିର୍ମାଣ ସ୍ଥଳରେ ସୋମବାର ଏକ ବଡ଼ ଦୁର୍ଘଟଣା ଘଟିଛି। ନିର୍ମାଣ କାର୍ଯ୍ୟ ସମୟରେ ମାଟି ଧସି ପଡ଼ିବା ଫଳରେ ସାତ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଅଘଟଣରେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାସ୍ଥଳରେ ବେସମେଣ୍ଟ କିମ୍ବା ଫାଉଣ୍ଡେସନ ସହିତ ଜଡିତ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ହଠାତ୍ ମାଟିର ଏକ ବଡ଼ ଅଂଶ ଧସି ଶ୍ରମିକମାନେ ପୋତି ହୋଇ ଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ପ୍ରଶାସନ, ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ପଠାଯାଇଥିଲା। କିନ୍ତୁ ଡାକ୍ତରମାନେ ସାତ ଜଣ ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଆହତଙ୍କ ଚିକିତ୍ସା ଚାଲିଛି। ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ ଦଳ ଏବଂ ଅଗ୍ନିଶମ ବାହିନୀ ଜେସିବି ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ବ୍ୟବହାର କରି ଭଗ୍ନାବଶେଷ ହଟାଇଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ ସୁରକ୍ଷା ମାନଦଣ୍ଡରେ ଅବହେଳା ସନ୍ଦେହ କରାଯାଉଛି। ପ୍ରଶାସନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। ଅଧିକାରୀମାନେ କହିଛନ୍ତି ଯେ ତଦନ୍ତ ପରେ ଦାୟୀ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦା ଏବଂ ଶ୍ରମିକଙ୍କ ମଧ୍ୟରେ କ୍ରୋଧ ଦେଖାଦେଇଛି। ପ୍ରଶାସନ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି। ପୁଲିସ କହିଛି ଯେ ସିଧୱାଲିଆରେ ସିଗନେଚର ଗ୍ଲୋବାଲର ଏକ ନିର୍ମାଣାଧୀନ ପ୍ରକଳ୍ପର ଏକ କାନ୍ଥ ଶ୍ରମିକଙ୍କ ଉପରେ ଭୁଶୁଡ଼ି ପଡ଼ିଛି। ସାତ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ଚାରି ଜଣ ଚିକିତ୍ସାଧୀନ ଅଛନ୍ତି। ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ମଧ୍ୟ ଜାରି ରହିଛି।

# ୩୭ ବର୍ଷ ପରେ ଇରାନ ପାଇଲା ତୃତୀୟ ସର୍ବୋଚ୍ଚ ନେତା



ତେହେରାନ: ସୟିଦ ମୋଜତବା ହୁସେନି ଖେମିନି ଇରାନର ତୃତୀୟ ସର୍ବୋଚ୍ଚ ନେତା ହୋଇଛନ୍ତି। ଇରାନ ବିରୋଧରେ ଇସ୍ରାଏଲ ଓ ଆମେରିକା ଯୁଦ୍ଧ ଆରମ୍ଭ କରିବା ପରଠାରୁ ପଶ୍ଚିମ ଏସିଆରେ ଦୁଇପକ୍ଷ ମଧ୍ୟରେ ଭୀଷଣ ସଂଘର୍ଷ ଜାରି ରହିଥିବାବେଳେ ଯୁଦ୍ଧର ନବମ ଦିନ ରବିବାର ଇରାନ ମୋଜତବାଙ୍କୁ ସର୍ବୋଚ୍ଚ ନେତା ଘୋଷଣା କରିଛି। ଯୁଦ୍ଧର ପ୍ରଥମ ଦିନରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ହୋଇଥିଲା। ପିତାଙ୍କ ପରେ ୫୬-ବର୍ଷୀୟ ମୋଜତବା ଇରାନର ତୃତୀୟ ସର୍ବୋଚ୍ଚ ନେତା ହୋଇପାରିଛନ୍ତି। ରୁହୋଲ୍ଲାହ ଖୋମେନି ଓ ଖେମିନିଙ୍କ ପରେ ମୋଜତବା ଇରାନର ତୃତୀୟ ସର୍ବୋଚ୍ଚ ନେତା। ଏହାପୂର୍ବରୁ ସେ ପିତାଙ୍କ ପଛରେ ରହି ଇରାନର ସମସ୍ତ ବଡ଼ ନିଷ୍ପତ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ। ଫେବ୍ରୁଆରି ୨୮ ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣରେ ମୋଜତବାଙ୍କ ପତ୍ନୀ ଜହରା ହଦାଦ-ଆଦେଲ, ଝିଅ ଓ ପିତା ଆୟାତୋଲ୍ଲା ଖେମିନିଙ୍କ ମୃତ୍ୟୁ ହୋଇଥିଲା।

ମୋଜତବା ୧୮୬୯ ମସିହା ?ସେପ୍ଟେମ୍ବର ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ଖେମିନିଙ୍କ ଦ୍ୱିତୀୟ ପୁତ୍ର। ମୋଜତବା ଇସ୍ରାଏଲ ଓ ଆମେରିକା-ବିରୋଧୀ ଯୁଦ୍ଧରେ ସାମିଲ ଥିଲେ ମଧ୍ୟ ?ବେଶି ଚର୍ଚ୍ଚାରେ ନ ଥିଲେ। ୨୦୧୯ରେ ଆମେରିକା ତାଙ୍କ ଉପରେ କଟକଣା ଲଗାଇଥିଲା। ଇସ୍ରାଏଲ ଓ ଆମେରିକା ଦ୍ୱାରା ଯୁଦ୍ଧ ଆରମ୍ଭ ହେବା ପରଠାରୁ ମୋଜତବାଙ୍କୁ ସାର୍ବଜନୀନ ସ୍ଥାନରେ ଦେଖାଯାଇ ନ ଥିଲା। ରବିବାର ରାତିରେ ତାଙ୍କୁ ଇରାନର ସର୍ବୋଚ୍ଚ ନେତା ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଖେମିନିଙ୍କ ମୃତ୍ୟୁ ପରେ ଇସ୍ରାଏଲ ଓ ଆମେରିକା ସେମାନଙ୍କ ଅନୁମତି ବିନା ଇରାନ କାହାକୁ ସର୍ବୋଚ୍ଚ ନେତା କଲେ ତାଙ୍କୁ ଖୋଜି ଖୋଜି ମାରିବେ ବୋଲି ଧମକ ଦେଇଥିଲେ। ଖେମିନି ୩୭ ବର୍ଷ ହେଲା ଇରାନର ସର୍ବୋଚ୍ଚ ନେତା ପଦରେ ଥିଲେ। ୧୯୮୯ରେ ରୁହୋଲ୍ଲାହ ଖୋମେନିଙ୍କ ପରଲୋକ ପରେ ଖେମିନି ସର୍ବୋଚ୍ଚ ନେତା ହୋଇଥିଲେ। ୧୯୭୯ ଇସଲାମିକ୍ ବିଦ୍ରୋହରେ ଖେମିନି ବଡ଼ ଭୂମିକା ଗ୍ରହଣ କରିଥିଲେ।

ରିପୋର୍ଟ ଅନୁଯାୟୀ ଆୟାତୋଲ୍ଲା ଏକ ଧର୍ମଗୁରୁ ପଦବୀ- ଇରାନ ଇସଲାମିକ ଆଇନ ଅନୁସାରେ ସର୍ବୋଚ୍ଚ ନେତା ହେବା ପାଇଁ ଆୟାତୋଲ୍ଲା ହେବା ଜରୁରୀ। ଅର୍ଥାତ୍ ସର୍ବୋଚ୍ଚ ନେତା ପଦ କେବଳ ଜଣେ ଧାର୍ମିକ ନେତାଙ୍କୁ ମିଳିପାରିବ। ଯୁଦ୍ଧ ସମୟରେ ମୋଜତବା ଓ ତାଙ୍କ ପରିବାର ତେହେରାନର ଲବିଜାନ୍ ଅଞ୍ଚଳର ଏକ ଗୁପ୍ତ ବଙ୍କରରେ ଲୁଚି ରହିଥିଲେ। ଏହି ବଙ୍କର ୯୦ରୁ ୧୦୦ ମିଟର ଗଭୀର ଓ ବୋମା-ନିରୋଧୀ ପଦ୍ଧତିରେ ପ୍ରସ୍ତୁତ। ଏହି ବଙ୍କର ଅନେକ ସୁଡ଼ଙ୍ଗ ସହିତ ସଂଯୁକ୍ତ। ଆଇଆର୍‌ଜିସିର ଅଲଗା ଅଲଗା ୟୁନିଟ୍ ? ତାଙ୍କର ସୁରକ୍ଷା କରୁଥିଲା। ମୋଜତବାଙ୍କର ଇରାନ ବାହାରେ ବିପୁଳ ସମ୍ପତ୍ତି ରହିଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ଲଣ୍ଡନର କିଙ୍ଗସ୍‌ଟନ୍‌ରେ ଦୁଇଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ରହିଛି। ଏହି ଆପାର୍ଟମେଣ୍ଟ ଇସ୍ରାଏଲ ଦୂତାବାସ ସାମ୍ନାରେ ମାତ୍ର ୫୦ ମିଟର ଦୂରରେ ଷଷ୍ଠ ଓ ସପ୍ତମ ମହଲାରେ ରହିଛି। ଏହାର ମୂଲ୍ୟ ୫୦ ନିୟୁତ ପାଉଣ୍ଡ ବା ୬୧୪ କୋଟି ଟଙ୍କା। ୨୦୧୪ରୁ ଏହି ଆପାର୍ଟମେଣ୍ଟ ଦୁଇଟି ମୋଜତବାଙ୍କ ନାଁରେ ରହିଛି। ଏହା ଗ୍ରୀନ୍ ନାମକ ଘରୋଇ ରୋଡରେ ରହିଛି, ଯେଉଁଠି ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଅଛି। ଇସ୍ରାଏଲ ଦୂତାବାସ ନିକଟରେ ଥିବାରୁ ଏହା ଖୁବ୍ ସମ୍ବେଦନଶୀଳ ସ୍ଥାନ। ଅନ୍ୟପକ୍ଷରେ ସୁରକ୍ଷା ବିଶେଷଜ୍ଞ ମତରେ ଏଠାରୁ ଦୂତାବାସ କର୍ମଚାରୀ, ପରିଦର୍ଶକଙ୍କ ନିରୀକ୍ଷଣ ଓ ଫଟୋଗ୍ରାଫି, ଲେଜରରେ କଥାବାର୍ତ୍ତା ଶୁଣିବା ତଥା ୱାଇଫାଇ ଇଣ୍ଟରସେପ୍ଟ କରିବା ସମ୍ଭବ। ତେବେ ମୋଜତବା ଇସ୍ରାଏଲ ଆକ୍ରମଣରେ ଆହତ ହୋଇଥିବା ଟାଇମ୍ସ ଅଫ୍ ଇସ୍ରାଏଲ ପକ୍ଷରୁ କୁହାଯାଇଛି। ମୋଜତବା ଯୁଦ୍ଧରେ ଆହତ ହୋଇଥିବା ଏହା ଦାବି କରିଛି। ଟାଇମ୍ସ ଅଫ୍ ଇସ୍ରାଏଲ ଦାବି ଅନୁଯାୟୀ, ଇରାନର ସରକାରୀ ଟିଭି ତାଙ୍କୁ 'ଜାନବାଜ' କହିଛି। ଯାହାର ଅର୍ଥ ସେ ଶତ୍ରୁ ଆକ୍ରମଣରେ ଆହତ ହୋଇଛନ୍ତି। ତେବେ ମୋଜତବା କିଭଳି ଆହତ ହୋଇଛନ୍ତି ଇରାନ ପକ୍ଷରୁ କୁହାଯାଇନାହିଁ।

# ଭାବପ୍ରବଣ ହେଲେ ସଞ୍ଜୁ, ବିଶ୍ୱକପ ଜିତିବା ପରେ ସ୍ତ୍ରୀଙ୍କ ପାଇଁ ଲେଖିଲେ...

ନୂଆଦିଲ୍ଲୀ, ୯/୩ : ସଞ୍ଜୁ ଏବେ କେବଳ ଗୋଟିଏ ନାଁ ନୁହେଁ ସମସ୍ତ ଭାରତୀୟ କ୍ରିକେଟପ୍ରେମୀଙ୍କ ମନପସନ୍ଦର ଖେଳାଳି । ଟି-୨୦ ବିଶ୍ୱକପର ଗୁରୁପୂର୍ଣ୍ଣ ମ୍ୟାଚ୍ ଗୁଡ଼ିକରେ ଯେଭଳି ପ୍ରଦର୍ଶନ କଲେ ସମସ୍ତେ ତାଙ୍କୁ ପ୍ରଂଶସାରେ ପୋତି ପକାଉଛନ୍ତି । ଭାରତ ପକ୍ଷରୁ ସର୍ବାଧିକ ୩୨୧ ରନ୍ ବନାଇ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି । ଓ୍ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ଲଗାତାର ସୁପର-୮ରୁ ଫାଇନାଲ ତିନି ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରି ଭାରତକୁ ବିଜୟ ଉପହାର ଦେବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଟ୍ରଫି ହାସଲ କରିବା ପରେ ସ୍ତ୍ରୀଙ୍କ ପାଇଁ ଏକ ପୋଷ୍ଟ କରିଛନ୍ତି ସଞ୍ଜୁ ।



ସଞ୍ଜୁ ସାମସନ ତାଙ୍କ ପତ୍ନୀ ଚ଼ାରୁଲତାଙ୍କ ପାଇଁ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି କି, ଯେଉଁ ଦିନଠାରୁ ମୁଁ ତୁମକୁ ଭେଟିଲିଣି ଆଜି ପର୍ଯ୍ୟନ୍ତ । ତୁମେ ମୋ ସହ ରହିଛ , ମୁଁ ଯେମିତି ମୋତେ ସବୁଥିରେ ସପୋର୍ଟ କରିଛ । ମୋ ପାଇଁ ତୁମେ ସଚ୍ଚା ଏବଂ ସଚ୍‌ଚୋଟ ରହିଥିବାରୁ ଧନ୍ୟବାଦ । ତୁମେ ସବୁବେଳେ ମୋ ଭଲ ମନ୍ଦ ବୁଝିଛ, ମୋ ସହ ସବୁବେଳେ ଦୃଢ଼ ଭାବେ ଛିଡ଼ା ହୋଇଛ ।ମୋ ଜୀବନରେ କ୍ରିକେଟର ଗୁରୁତ୍ୱ ବୁଝିବା ପାଇଁ ଏବଂ ଏହାକୁ ନିଜକୁ ସମାନ ଗୁରୁତ୍ୱ ଦେବା ପାଇଁ ଧନ୍ୟବାଦ। ଏବଂ ତୁମେ ମଧ୍ୟ ଏହି ମୁହୂର୍ତ୍ତ ପାଇଁ ମୋ ପରି ଆଗ୍ରହ ଏବଂ ଆଗ୍ରହ ସହିତ ଅପେକ୍ଷା କରିଛ। ବହୁତ ବହୁତ ଧନ୍ୟବାଦ, ମୋର ପ୍ରିୟ ପତ୍ନୀ !'

ପତ୍ନୀଙ୍କ ସହ ଟ୍ରଫି ସହ ଉଠାଇଥିବା ଫଟୋ ଏବଂ ଏକ ପୁରୁଣା ଦିନର ଫଟୋକୁ ମଧ୍ୟ ପୋଷ୍ଟ କରିଛନ୍ତି ସଞ୍ଜୁ । ସେ ଭାବପ୍ରବଣ ହୋଇ ପୋଷ୍ଟ କରିଥିବାବେଳେ ଏହାକୁ ୟୁଜର୍ସମାନେ ବହୁ ମାତ୍ରାରେ ସେୟାର କରୁଥିବାବେଳେ ବିଭିନ୍ନ କମେଣ୍ଟ ମଧ୍ୟ ଦେଉଥିବା ଦେଖିବାକୁ ମିଳୁଛି । ଏବେ ଏକ ବଡ଼ ଖବର ସାମ୍ନାକୁ ଆସିଛି ସଞ୍ଜୁ ସାମସନଙ୍କୁ କେରଳ ସରକାରଙ୍କ ପକ୍ଷରୁ ସମ୍ମାନୀତ କରାଯିବ । ଏନେଇ କେରଳ ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି । କହି ରଖୁଛୁ କି, ସଞ୍ଜୁ ସାମସନ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମରୁ ସୁଯୋଗ ପାଇନଥିଲେ । କିନ୍ତୁ ଯେତେବେଳେ ଖେଳିବାର ସୁଯୋଗ ପାଇଲେ ବଡ଼ ସଟ ଖେଳିଥିଲେ । ସେ ୮୦ରୁ ଅଧିକ ହାର ସହ ୨୦୦ ଷ୍ଟ୍ରାଇକ୍ ରେଟରେ ୩୨୧ ରନ କରିଛନ୍ତି ।

# ସନ୍ୟାସ ନେବେ ସୂର୍ଯ୍ୟକୁମାର ଯାଦବ

ନୂଆଦିଲ୍ଲୀ,୯ ।୩: ରବିବାର ରାତିରେ ତିଲକ ବର୍ମା ଟି-୨୦ ବିଶ୍ୱକପରେ ଭାରତର ଟାଇଟଲ ବିଜୟକୁ ସିଲ କରିବା ପାଇଁ ଜାକବ ଡଫିଙ୍କୁ କ୍ୟାଚ୍ ଦେବା ସମୟରେ, ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମୁହଁରେ ଏକ ଦୁଷ୍ଟ ହସ ଖେଳିଗଲା। ବିଜୟର ହସ, ଏକ ବିଜୟ ଯାହା ଅନେକ ମିଥ୍ୟାକୁ ଭାଙ୍ଗି ଦେଇଥିଲା। ଏହି ହସ ଜଣେ ଅଧିନାୟକଙ୍କର ଥିଲା, ଯିଏ ତାଙ୍କ ଖରାପ ବ୍ୟାଟିଂ ପ୍ରଦର୍ଶନ ପାଇଁ ସମାଲୋଚ଼ନାର ସମ୍ମୁଖୀନ ହେବା ସତ୍ତ୍ୱେ, ଦଳକୁ ଟାଇଟଲ ଆଡ଼କୁ ନେଇ ତାଙ୍କ ସମାଲୋଚ଼କମାନଙ୍କୁ ଚୁପ କରାଇ ଦେଇଥିଲେ। ହାରନ୍ତୁ କି ଜିତନ୍ତୁ, ସୂର୍ଯ୍ୟକୁମାର ଜାଣନ୍ତି କିପରି ତାଙ୍କର ଭାବନାକୁ ଭଲ ଭାବରେ ନିୟନ୍ତ୍ରଣ କରିବେ।



ବିଜୟ ହେଉ କି ପରାଜୟ, ବିଶ୍ୱକପ ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ ପରାଜୟ ଏବଂ ଗତ ଦୁଇ ବର୍ଷ ମଧ୍ୟରେ ଏକ ବଡ଼ ଇନିଂସ ନ ଖେଳିବା ପାଇଁ ସମାଲୋଚ଼ନା ଯୋଗୁ ସୂର୍ଯ୍ୟକୁମାର ପ୍ରଚ଼ଣ୍ଡ ଚ଼ାପରେ ଥିଲେ। ବିଶ୍ୱକପ ସମୟରେ ସୂର୍ଯ୍ୟଙ୍କ ବ୍ୟାଟ ସମ୍ପୂର୍ଣ୍ଣ ନୀରବ ରହିଥିଲା। ସେ ଟୁର୍ଣ୍ଣାମେଣ୍ଟର ନଅଟି ମ୍ୟାଚ୍‌ରେ କେବଳ ଗୋଟିଏ ଅର୍ଦ୍ଧଶତକ କରିପାରିଥିଲେ। ସେ ଆମେରିକା ବିପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଅପରାଜିତ ୮୪ ରନ କରିଥିଲେ, ଏବଂ ସେବେଠାରୁ, ସେ ଫ୍ଲପ ହୋଇଛନ୍ତି। ଫାଇନାଲରେ, ସେ ପ୍ରଥମ ବଲରେ ଆଉଟ ହୋଇଥିଲେ।

ବିଶ୍ୱକପରେ ସୂର୍ଯ୍ୟଙ୍କ ପ୍ରଦର୍ଶନରେ କ୍ରୋଧିତ ପ୍ରଶଂସକମାନେ ଏପରିକି କହିବାକୁ ଲାଗିଲେ ଯେ ଯଦି ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ହୋଇନଥାନ୍ତେ, ତେବେ ସେ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇ ନଥାନ୍ତେ। ଏବେ ଭାରତ ବିଶ୍ୱ ଚ଼ାମ୍ପିଅନ ହୋଇସାରିଛି, ତେଣୁ ସୂର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ ଦଳର ପରବର୍ତ୍ତୀ ଲକ୍ଷ୍ୟ ଲସ ଆଞ୍ଜେଲସରେ ୨୦୨୮ କ୍ରିକେଟ ଅଲିମ୍ପିକ ସ୍ୱର୍ଣ୍ଣ ପଦକ। ସୂର୍ଯ୍ୟ-ଗମ୍ଭୀର ଭାଗୀଦାରୀ ମଧ୍ୟ ଏହା ଆଡ଼କୁ ଇଙ୍ଗିତ କରେ। ଯେପର୍ଯ୍ୟନ୍ତ ଗୌତମ ଗମ୍ଭୀର ଦଳର ପ୍ରଶିକ୍ଷକ ଅଛନ୍ତି, ସେପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଅଧିନାୟକତ୍ୱ ମଧ୍ୟ ବିପଦମୁକ୍ତ।

ସୂର୍ଯ୍ୟକୁମାର ଯାଦବଙ୍କ ପୂର୍ବରୁ, କେବଳ ମହେନ୍ଦ୍ର ସିଂହ ଧୋନି ଘରୋଇ ମାଟିରେ ଭାରତକୁ ୨୦୧୧ ଓଡ଼ିଆ ବିଶ୍ୱକପ ପାଇଁ ନେତୃତ୍ୱ ଦେଇଥିଲେ। କପିଲ ଦେବ (୧୯୮୭) ଏବଂ ରୋହିତ ଶର୍ମା (୨୦୨୩) ଭାରତରେ ବିଶ୍ୱକପ ଜିତିପାରି ନଥିଲେ। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ, ଭାରତ ୨୦୨୪ରେ ଓ୍ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ ଜିତିଥିଲା। ମୁମ୍ବାଇର ରୋହିତଙ୍କ ସହିତ ତୁଳନା ଅନିବାର୍ଯ୍ୟ ଥିଲା, କିନ୍ତୁ ସୂର୍ଯ୍ୟକୁମାରଙ୍କ ଏକମାତ୍ର ମନ୍ତ୍ର ଥିଲା ଚ଼ାପରୁ ରକ୍ଷା ପାଇବା। ଟୁର୍ଣ୍ଣାମେଣ୍ଟ ସମୟରେ ତାଙ୍କ ସାମ୍ବାଦିକ ସମ୍ମିଳନୀରେ ଏହା ସ୍ପଷ୍ଟ ହୋଇଥିଲା।

ଅଭିଷେକ ଶର୍ମା କିମ୍ବା କୁଲଦୀପ ଯାଦବଙ୍କ ବିଷୟରେ ପ୍ରଶ୍ନ ହେଉ, ସେ ହସି ହସି ମଜାଦାର ଉତ୍ତର ଦେଇଥିଲେ। ସୂର୍ଯ୍ୟକୁମାର ଦଳରେ 'ସୂର୍ଯ୍ୟ ଦାଦା' (ବଡ଼ ଭାଇ) ହେବାକୁ କେବେ ଚେଷ୍ଟା କରି ନଥିଲେ, ବରଂ ସମସ୍ତଙ୍କୁ ନିଜସ୍ୱ ପଥ ତିଆରି କରିବାର ସ୍ୱାଧୀନତା ଦେଇଥିଲେ। ଫାଇନାଲ ପୂର୍ବରୁ ସେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ, 'ଅଧିନାୟକ ହେବାର ପାଞ୍ଚରୁ ଛଅ ମାସ ମଧ୍ୟରେ ମୁଁ ଦଳକୁ ବୁଝିବା ଏବଂ ତାଙ୍କ ସହିତ ଯୋଡ଼ି ହେବା ଆରମ୍ଭ କଲି। ତା'ପରେ ମୁଁ ଅନୁଭବ କଲି ଯେ ବଡ଼ ଭାଇ କିମ୍ବା ବାପା ହେବାର କୌଣସି ଆବଶ୍ୟକତା ନାହିଁ; ମୁଁ ସେମାନଙ୍କୁ ନିଜସ୍ୱ ପଥ ପ୍ରସ୍ତୁତ କରିବାର ସ୍ୱାଧୀନତା ଦେବା ଉଚ଼ିତ।'

# କାହିଁକି ବିଶ୍ୱ ବିଜୟୀ ହେଲା ଟିମ୍ ଇଣ୍ଡିଆ



୧. ସଙ୍କଟମୋଚ଼କ ସୂର୍ଯ୍ୟ : ଭାରତୀୟ ଦଳ ନିଜ ପ୍ରଥମ ମ୍ୟାଚ୍ ଆମେରିକା ବିପକ୍ଷରେ ଖେଳି ପ୍ରାରମ୍ଭିକ ସଙ୍କଟରେ ପଡିଥିଲା। ୧୩ ଓଭର ଶେଷ ନ ହେଉଣୁ ଦଳ ମାତ୍ର ୭୭ ରନ୍‌ରେ ୬ ୱିକେଟ୍ ହରାଇଦେଇଥିଲା। ଏହି ସମୟରେ ଅଧିନାୟକ ସୂର୍ଯ୍ୟକୁମାର ସଂକଟମୋଚ଼ନ ସାଜି ମାତ୍ର ୪୯ ବଲ୍‌ରେ ୮୪ଅ ରନ୍ କରି ଭାରତୀୟ ବିଜୟରେ ବଡ଼ ଭୂମିକା ଗ୍ରହଣ କରିଥିଲେ।

୨. ଈଶାନଙ୍କ ବିସ୍ଫୋରକ ବ୍ୟାଟିଂ: ଗୁରୁତ୍ୱପୂର୍ଣ୍ଣ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପାକିସ୍ତାନୀ ସ୍ପିନର୍‌ମାନେ ଭାରତୀୟ ବ୍ୟାଟର୍‌ଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। କିନ୍ତୁ ଈଶାନ କିଶନଙ୍କ ବିସ୍ଫୋରକ ପାଳି ପାକିସ୍ତାନର ସବୁ ଯୋଜନାରେ ପାଣି ପକାଇଦେଇଥିଲା। ମାତ୍ର ୪୦ ବଲ୍‌ରୁ ସେ ଖେଳିଥିବା ୭୭ ରନ୍‌ର ପାଳି ପାକିସ୍ତାନକୁ ମହଙ୍ଗା ପଡ଼ିଥିଲା ଓ ଭାରତ ୬୧ ରନ୍‌ରେ ବିଜୟୀ ହୋଇଥିଲା।

୩. ଦୁବେଙ୍କ ଅଲରାଉଣ୍ଡ୍ ସଫଳତା: ଭାରତର ବିଶ୍ୱକପ୍ ବିଜୟରେ ଶିବମ୍ ଦୁବେଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଅସ୍ୱୀକାର କରିହେବ ନାହିଁ। ନେଦରଲାଣ୍ଡ୍ ବିପକ୍ଷ ମ୍ୟାଚ୍‌ରେ ଶିବମ୍ ଦୁବେ ମାତ୍ର ୩୧ ବଲ୍‌ରୁ ୬୬ ରନ୍ କରିଥିଲେ ଏବଂ ୨ ୱିକେଟ୍ ନେଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଦଳ ପରାଜୟ ବରଣ କରିଥିଲେ ବି ସେ ଏକାକୀ ଲଢିଥିଲେ।

୪. ସଂଜୁ ସାମସନ୍‌ଙ୍କ ଚ଼ମତ୍କାର: ଭାରତ ବିଶ୍ୱ ଚ଼ାମ୍ପିଅନ ହେବା ପଛରେ ସଂଜୁ ସାମସନ୍‌ଙ୍କ ସବୁଠାରୁ ବଡ଼ ଅବଦାନ ରହିଛି ବୋଲି କୁହାଯାଇପାରେ। ସୁପର-୮ରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯୭ ରନ୍‌ର ପାଳି ଖେଳି ସେ ଭାରତର ସେମିଫାଇନାଲ୍ ରାସ୍ତା ଖୋଲିଦେଇଥିଲେ। ସେହିପରି ସେମିଫାଇନାଲ୍ ଓ ଫାଇନାଲ୍‌ରେ ସେ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ।

୫. ବୁମ୍‌ରାଙ୍କ ବୋଲିଂ: ଭାରତର ବିଶ୍ୱବିଜୟରେ ଆଉ ଜଣେ ପ୍ରମୁଖ ବିନ୍ଧାଣୀ ଥିଲେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା। ସେମିଫାଇନାଲ୍‌ରେ ଭାରତ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ବି ଇଂଲଣ୍ଡ ବିସ୍ଫୋରକ ବ୍ୟାଟିଂ କରି ବିଜୟ ଛଡ଼ଇନେବାକୁ ବସିଥିଲା। କିନ୍ତୁ ମ୍ୟାଚ୍‌ର ୧୬ତମ ଓ ୧୮ ତମ ଓଭରରେ ବୁମ୍‌ରା କରିଥିବା ଚ଼ମତ୍କାର ବୋଲିଂ ଇଂଲଣ୍ଡ ହାତରୁ ମ୍ୟାଚ୍‌କୁ ଛଡ଼ାଇ ଆଣିଥିଲା। ଏହି ଦୁଇ ଓଭରରେ ସେ ଯଥାକ୍ରମେ ୮ ଓ ୬ ରନ୍ ବ୍ୟୟ କରିଥିଲେ।

୬. ଅକ୍ଷରଙ୍କ କ୍ୟାଚ୍: ଯଦି ଅକ୍ଷର ପଟେଲ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ୍ ମ୍ୟାଚ୍‌ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ଧରି ନଥାନ୍ତେ, ତେବେ ଭାରତ ଫାଇନାଲ୍‌କୁ ଯିବା ଅସମ୍ଭବ ହୋଇଥାନ୍ତା। ୫ମ ଓଭରରେ ପଛୁଆ ଗୋଡ଼ି ଏକ ଚ଼ମତ୍କାର କ୍ୟାଚ୍ ନେବା ସହ ହ୍ୟାରି ବ୍ରୁକ୍‌ଙ୍କୁ ପାଭିଲିୟନ ଫେରାଇଥିଲେ। ସେହିପରି ୧୪ତମ ଓଭରରେ ସେ ବିପଜ୍ଜନକ ୱିଲ୍ ଜାକ୍ସଙ୍କ ଏକ ନିଶ୍ଚିତ ଛକାକୁ ବାଉଣ୍ଡରି ଉପରେ ଧରି ଭାରସାମ୍ୟ ହରାଇବା ପୂର୍ବରୁ ବଲ୍‌କୁ ଶିବମ୍ ଦୁବେଙ୍କୁ ଧରାଇଦେଇଥିଲେ।

## ସାଂଘାତିକ ଅଭିଯୋଗ ଆଣିଲେ ଶୋଏବ ଅଖତର

ଅହମ୍ମଦାବାଦ୍ , ୯ ।୩: ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ଗତ ରବିବାର ଟି୨୦ ବିଶ୍ୱକପ ଟାଇଟଲ ଜିତିଥିଲା। ଏହି ବିଜୟ ସମଗ୍ର ଦେଶ ପାଇଁ ଖୁସି ଆଣି ଦେଇଥିଲା କିନ୍ତୁ ପଡ଼ଶୀ ପାକିସ୍ତାନ ଦୁଃଖରେ ଭାଙ୍ଗି ପଡ଼ିଥିଲା। ଅନେକ ପୂର୍ବତନ ପାକିସ୍ତାନୀ ଖେଳାଳି ଏବଂ କ୍ରିକେଟ ବିଶେଷଜ୍ଞ ନ୍ୟୁଜିଲାଣ୍ଡ ଟି୨୦ ବିଶ୍ୱକପ ଫାଇନାଲ ଜିତିବା ପାଇଁ ଦାବି କରୁଥିଲେ, କିନ୍ତୁ ଭାରତ ଜିତିଥିଲା। ଭାରତର ବିଜୟ ଦେଖି ପାକିସ୍ତାନ କ୍ରିକେଟର୍ ଶୋଏବ ଅଖତର ରାଗିଯାଇଥିଲେ।

ମ୍ୟାଚ୍ ପରେ ଅଖତର କହିଥିଲେ ଯେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ଭାରତ) କ୍ରିକେଟକୁ ନଷ୍ଟ କରିଦେଇଛି। ଏହା ବ୍ୟତୀତ ଅଖତର ଭାରତୀୟ କ୍ରିକେଟ ବୋର୍ଡକୁ ଏକ ଧନୀ ପିଲା ସହିତ ତୁଳନା କରିଛନ୍ତି।ଶୋଏବ କହିଥିଲେ,ଏହା ଏପରି ଯେ ପଡ଼ଶୀର ଏକ ଧନୀ ପିଲା ସମସ୍ତ ଗରିବ ପିଲାଙ୍କୁ ଏକାଠି ଡାକି କହୁଛି,'ଆସ କ୍ରିକେଟ ଖେଳିବା।' ଭାରତ ଆମ ସହିତ ସମାନ କାମ କରୁଛି। ୮ଟି ଦଳ ମଧ୍ୟରୁ, ସେମାନେ ଚ଼ାରିଟିକୁ ରଖନ୍ତି ଏବଂ ସେହି ଚ଼ାରିଟି ଦଳରୁ, ସେମାନେ ତିନୋଟିକୁ ଡାକି ଆଗକୁ ବଢ଼ନ୍ତି। ତା'ପରେ ସେମାନେ କୁହନ୍ତି, ଦେଖନ୍ତୁ ଆମେ ଜିତିଲୁ ! ସେମାନେ କ୍ରିକେଟକୁ ନଷ୍ଟ କରିଦେଇଛନ୍ତି।

# ଗ୍ୟାରିଙ୍କୁ ମିଳିଲା ଗୁରୁ ଦାୟିତ୍ୱ

ନୂଆଦିଲ୍ଲୀ, ୯/୩ : ଟି-୨୦ ବିଶ୍ୱକପରେ ଇତିହାସ ରଚ଼ିଛି ଭାରତ । ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ୯୬ ରନର ବିଶାଳ ବ୍ୟବଧାନରେ ହରାଇ ତୃତୀୟଥର ଚ଼ାମ୍ପିୟନ ହୋଇଛି । ତେବେ ଟି-୨୦ ବିଶ୍ୱକପ ସରିବା ମାତ୍ରେ ଭାରତ ସହ ସହଯୋଗୀ ଦଳ ଭାବେ ବିଶ୍ୱକପ ଆୟୋଜନ କରିଥିବା ଶ୍ରୀଲଙ୍କା ଦଳର ମୁଖ୍ୟ ପ୍ରଶିକ୍ଷକଙ୍କୁ ନିଯୁକ୍ତ କରିଛି । ଲିଗରେ ଦମଦାର ପ୍ରଦର୍ଶନ ପରେ ସୁପର-୮ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ଶ୍ରୀଲଙ୍କା । ପୂର୍ବତନ ସିଂହଳୀ କ୍ରିକେଟର ଜୟସୁରିଆଙ୍କ ସ୍ଥାନ ନେବେ ଗ୍ୟାରି । ଯିଏକି ୨୦୧୧ ଦିନିକିଆ ବିଶ୍ୱକପରେ ଭାରତ ବିଜୟ ସମୟରେ କୋଚ୍ ଦାୟିତ୍ୱରେ ଥିଲେ ।



୨୦୨୮ ପର୍ଯ୍ୟନ୍ତ ଶ୍ରୀଲଙ୍କାର କୋଚ୍ ଭାବେ କାର୍ଯ୍ୟ କରିବେ । ସେ ଦୁଇବର୍ଷ ପାଇଁ ଚୁକ୍ତି କରିଛନ୍ତି । ଏହାର ଅର୍ଥ ହେଉଛି ୨୦୨୭ ଦିନିକିଆ ବିଶ୍ୱକପ ସମୟରେ ଗୁରୁ ଦାୟିତ୍ୱ ବହନ କରିବେ । ସେପଟେ ଗ୍ୟାରିଙ୍କ ସମ୍ପର୍କରେ ଯଦି କହିବା ତାହେଲେ ୨୦୨୬ ଟି-୨୦ ବିଶ୍ୱକପ ସମୟରେ ସେ ନାମିବିୟା ଦଳ ସହ ରହିଥିଲେ । ସେ ନାମିବିୟା ଦଳର ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇଥିଲେ । ପୂର୍ବରୁ ଭାରତର ମୁଖ୍ୟ ପ୍ରଶିକ୍ଷକ ଦାୟିତବ ନେଇଛନ୍ତି । ଏହାପରେ ପାକିସ୍ତାନର ମୁଖ୍ୟ ପ୍ରଶିକ୍ଷକ ହୋଇଥିଲେ । ମାତ୍ର ପିସିବିରେ ମତଭେଦ ପାଇଁ ସେ ଦାୟିତ୍ୱ ଛାଡ଼ିଥିଲେ ।

ଗ୍ୟାରି କର୍‌ଷ୍ଟେନଙ୍କ କ୍ରିକେଟ କ୍ୟାରିୟର ବିଷୟରେ କହିବାକୁ ଗଲେ, ସେ ପ୍ରଥମ ଶ୍ରେଣୀ ଏବଂ ଲିଷ୍ଟ ଏ ସମେତ ୫୦୦ ରୁ ଅଧିକ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୬୪ ଶତକ ସହିତ ୨୬୦୦୦ ରୁ ଅଧିକ ରନ୍ କରିଛନ୍ତି। ଶ୍ରୀଲଙ୍କାର ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ, ଗ୍ୟାରି କର୍‌ଷ୍ଟେନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ଦଳକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆରେ ଅନୁଷ୍ଠିତ ହେବାକୁ ଥିବା ୨୦୨୭ ଓଡ଼ିଆ ବିଶ୍ୱକପରେ ସିଧାସଳଖ ସ୍ଥାନ ପାଇବା।

# ଖୁବଶୀଘ୍ର ଆଇପିଏଲ୍ କାର୍ଯ୍ୟସୂଚ଼ୀ

ନୂଆଦିଲ୍ଲୀ, ୯ ।୩: ଆଇପିଏଲ୍ ୨୦୨୬ ସୂଚ଼ୀ ପାଇଁ ଅପେକ୍ଷା କରିଥିବା କ୍ରିକେଟ ପ୍ରେମୀମାନଙ୍କୁ ଆହୁରି ଟିକିଏ ଅପେକ୍ଷା କରିବାକୁ ପଡିବ। ପୂର୍ବରୁ, ସମ୍ପୂର୍ଣ୍ଣ ଓଟଖ ୨୦୨୬ ସୂଚ଼ୀ ମାର୍ଚ୍ଚ ୮ରେ ଆସିବାର ଆଶା କରାଯାଉଥିଲା, କିନ୍ତୁ ଏହାକୁ ଏବେ ଗୋଟିଏ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ନୂତନ ସୂଚ଼ନା ଅନୁଯାୟୀ, ଟୁର୍ଣ୍ଣାମେଣ୍ଟ ସୂଚ଼ୀ ଏବେ ମାର୍ଚ୍ଚ ୯ ସା ୪ କିମ୍ବା ୬ଟା ସମୟରେ ଆସିବାର ଆଶା କରାଯାଉଛି।



ପ୍ରସାରକ ଷ୍ଟାର ସ୍ପୋର୍ଟସର ଟିଭି ତାଲିକା ସୂଚ଼ାଇଛି ଯେ ଆଇପିଏଲ ୨୦୨୬ ମ୍ୟାଚ୍ ସୂଚ଼ୀ ସୋମବାର ଘୋଷଣା କରାଯିବ। ଏହା ମଧ୍ୟ ପ୍ରାୟ ନିଶ୍ଚିତ ଯେ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୮ରେ ଆରମ୍ଭ ହେବ। ପୂର୍ବରୁ, ଓଟଖ ମାର୍ଚ୍ଚ ୨୬ରେ ଆରମ୍ଭ ହେବାର ଆଶା କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଏହା ଦୁଇ ଦିନ ବିଳମ୍ବ ହେବ ବୋଲି ଆଶା କରାଯାଉଛି। ସୂଚ଼ୀ ପ୍ରକାଶିତ ହେବା ପରେ, ପ୍ରଶଂସକମାନେ ମଧ୍ୟ ଜାଣିପାରିବେ ଯେ କେଉଁ ଦଳ ଉଦଘାଟନୀ ମ୍ୟାଚ୍ ଖେଳିବେ।

ରିପୋର୍ଟ ଅନୁସାରେ, ବିସିସିଆଇ ପୂର୍ବ ନିର୍ବାଚ଼ନ ବର୍ଷଗୁଡ଼ିକ ପରି "Staggered Release" ବା ପର୍ଯ୍ୟାୟକ୍ରମ ଭାବରେ ସୂଚ଼ୀ ପ୍ରକାଶ କରିପାରେ। ଏହାର ଅର୍ଥ ହେଉଛି କେବଳ ପ୍ରଥମ ୧୫ ରୁ ୨୦ ଦିନର ମ୍ୟାଚ୍ ପାଇଁ ସୂଚ଼ୀ ଘୋଷଣା କରାଯିବ। ବାକି ମ୍ୟାଚ୍ ପାଇଁ ତାରିଖ ପରେ ଘୋଷଣା କରାଯାଇପାରେ।

ରିପୋର୍ଟ ଅନୁଯାୟୀ, ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଡିଫେଣ୍ଡିଂ ଚ଼ାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଘରୋଇ ଗ୍ରାଉଣ୍ଡ ଏମ ଚ଼ିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇପାରେ। ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ୨୦୨୫ ରନର୍ସଅପ ପଞ୍ଜାବ କିଙ୍ଗ୍ସ ସହିତ ମୁକାବିଲା କରିବାର ସମ୍ଭାବନା ରହିଛି। ତଥାପି, କାର୍ଯ୍ୟସୂଚ଼ୀ ପ୍ରକାଶିତ ହେବା ପରେ ଏହା କେବଳ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହେବ।

ରିପୋର୍ଟ ଅନୁଯାୟୀ, କିଛି ଦଳ ଏଥର ଦୁଇଟି ଭିନ୍ନ ସହରରେ ସେମାନଙ୍କର ଘରୋଇ ମ୍ୟାଚ୍ ଖେଳିପାରନ୍ତି। ଉଦାହରଣ ସ୍ୱରୂପ, ବେଙ୍ଗାଲୁରୁ ଏହାର କିଛି ମ୍ୟାଚ୍ ରାୟପୁରରେ ଖେଳିପାରେ, ଯେତେବେଳେ ରାଜସ୍ଥାନ ରୟାଲ୍ସ ଗୁଆହାଟିକୁ ସେମାନଙ୍କର ଦ୍ୱିତୀୟ ଘରୋଇ ଗ୍ରାଉଣ୍ଡ ଭାବରେ ବ୍ୟବହାର କରିପାରେ।

ପର୍ଯ୍ୟାୟକ୍ରମେ ଓଟଖ ସୂଚ଼ୀ ପ୍ରକାଶ କରିବାର ଏକ ପ୍ରମୁଖ କାରଣ ଆଗାମୀ ବିଧାନସଭା ନିର୍ବାଚ଼ନ ବୋଲି ବିଶ୍ୱାସ କରାଯାଉଛି। ମାର୍ଚ୍ଚ ଏବଂ ମେ ମଧ୍ୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଏବଂ ପୁଡୁଚେରୀରେ ନିର୍ବାଚ଼ନ ହେବାର ସମ୍ଭାବନା ଅଛି। ତେଣୁ, ସୁରକ୍ଷା ଏବଂ ଲଜିଷ୍ଟିକ୍ସକୁ ଦୃଷ୍ଟିରେ ରଖି ଆୟୋଜକମାନେ ଏହି ରଣନୀତି ଗ୍ରହଣ କରିଛନ୍ତି। ଟି୨୦ ବିଶ୍ୱକପ ସରିବା ସହିତ, କ୍ରିକେଟ ପ୍ରଶଂସକମାନେ ଏବେ ଓଟଖ ଉପରେ ଧ୍ୟାନ ଦେଇଛନ୍ତି। ସୋମବାର କାର୍ଯ୍ୟସୂଚ଼ୀ ପ୍ରକାଶ ପାଇବା ପରେ ଟୁର୍ଣ୍ଣାମେଣ୍ଟକୁ ନେଇ ଉତ୍ସାହ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

## ସଚ଼ିନ, ବିରାଟଙ୍କ ପ୍ରଶଂସା

ମୁମ୍ବାଇ: ଭାରତୀୟ ଦଳ ଟି-୨୦ ବିଶ୍ୱକପ୍ ଜିତିବା ପରେ ପ୍ରଶଂସାର ସୁଅ ଛୁଟିଛି। ତେବେ ସୋସିଆଲ୍ ମିଡିଆରେ ମାଷ୍ଟର ବ୍ଲାଷ୍ଟର ସଚ଼ିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ଅଭିନନ୍ଦନ ବାର୍ତ୍ତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉଭୟ କିମ୍ବଦନ୍ତୀ ଖେଳାଳୀ ଭାରତୀୟ ଦଳ ନିର୍ଭୟ ତଥା ବିସ୍ଫୋରକ ଶୈଳୀକୁ ପ୍ରସଂଶା କରିଛନ୍ତି। ବିଶେଷକରି ସଚ଼ିନ ଭାରତୀୟ ଦଳର ଆକ୍ରାମକ ଖେଳକୁ କ୍ରିକେଟ୍‌ର ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍ ବୋଲି କହିଛନ୍ତି। 'ଏକ୍ସ' ରେ ଭାରତୀୟ ଦଳକୁ ଅଭିନନ୍ଦନ ବାର୍ତ୍ତା ଜଣାଇ ସଚ଼ିନ ଲେଖିଛନ୍ତି "ଲଗାତାର ଦ୍ୱିତୀୟ ଥର ପାଇଁ ବିଶ୍ୱକପ ବିଜୟ, ଟି-୨୦ ଫର୍ମାଟ୍‌ରେ ପ୍ରଥମ ଥର ପାଇଁ କୌଣସି ଦଳ ଏହି ସଫଳତା ହାସଲ କରିଛି। ଆମ ଦଳର କି ଚ଼ମତ୍କାର ବିଜୟ ! କ୍ରିକେଟ୍‌ର ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍‌ର ପ୍ରଦର୍ଶନ। ସାବାସ୍ ଟିମ୍ ଇଣ୍ଡିଆ, ଜୟ ହିନ୍ଦ୍ ! । ସେହିପରି ବିରାଟ କୋହଲି ମଧ୍ୟ ଇନଷ୍ଟାଗ୍ରାମ୍ ମାଧ୍ୟମରେ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସେ ଲେଖିଛନ୍ତି ଯେ ଅହମଦାବାଦରେ ଭାରତୀୟ ଦଳର ଚ଼ମତ୍କାର ବିଜୟ।

# ଟିମ ଇଣ୍ଡିଆ ଓ ସଞ୍ଜୁଙ୍କ ନାଁରେ ନୂଆ କିର୍ତ୍ତୀମାନ

ନୂଆଦିଲ୍ଲୀ, ୯/୩ : ଟି-୨୦ ବିଶ୍ୱକପ ୨୦୨୬ର ଫାଇନାଲ ମୁକାବିଲା ଶେଷ ହୋଇଛି । ଭାରତ ବିଶ୍ୱ ଚ଼ାମ୍ପିୟନ ହୋଇଥିବା ଦଳ ଅନେକ ରେକର୍ଡ ଅର୍ଜନ କରିଛି । ଚ଼ଳିତ ଟି-୨୦ ବିଶ୍ୱକପରେ ଛକା-ଚେକାର ବର୍ଷା ହୋଇଥିଲା । ଯେଉଁଥିରେ ଭାରତ ଅନେକ ରେକର୍ଡର ଅଧିକାରୀ ହୋଇଛି । ସର୍ବାଧିକ ଛକା ମାରିଥିବା ଦଳଙ୍କ ମଧ୍ୟରେ ଭାରତ ରେକର୍ଡ କରିଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୭୮୦ଟି ଛକା ମରାଯାଇଥିବାବେଳେ ଏଥିରୁ କେବଳ ୧୦୬ଟି ହେଉଛି ଭାରତ । ଗୋଟିଏ ଟି-୨୦ ବିଶ୍ୱକପରେ ଏତେ ଛକା ପୂର୍ବରୁ କେଉଁ ଦଳ ମଧ୍ୟ ହାସଲ କରିପାରନାହାନ୍ତି ।

ଭାରତ ନିଜ ନାମରେ ଛକା ମାରିଥିବାର ରେକର୍ଡ କରିଥିବାବେଳେ ସଞ୍ଜୁ ନିଜ ନାମରେ ଚ଼ଳିତ ବିଶ୍ୱକପରେ ସର୍ବାଧିକ ଛକା ମାରିଥିବାର ରେକର୍ଡ କରିଛନ୍ତି । ୫ ମ୍ୟାଚ୍‌ରେ ସଞ୍ଜୁ ସାମସନ ୨୪ଟି ଛକା ମାରିଛନ୍ତି । ଏହାସହ ଚ଼ଳିତ ଟୁର୍ଣ୍ଣାମେଣ୍ଟରେ ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ ଗୋଟିଏ ଟି-୨୦ ବିଶ୍ୱକପରେ ଖେଳାଯାଇଥିବା ମ୍ୟାଚ୍‌ରେ ସର୍ବାଧିକ ଛକା ହୋଇଥିଲା । ଏହି ମ୍ୟାଚ୍‌ରେ ଉଭୟ ଦଳ ମିଶି ୪୦ ଛକା ମାରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୨୦ ଦଳ ଭାଗ ନେଇଥିବାବେଳେ ସମୁଦାୟ ରନ୍ ୧୭,୫୮୨ ରନ୍ ହୋଇଛି ।

ସଞ୍ଜୁ ସାମସନ ସର୍ବାଧିକ ଛକା ମାରି ରେକର୍ଡ କରିଥିବାବେଳେ ଟିମ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ଛକା ଖାଇଥିବା ବୋଲର ହୋଇଛନ୍ତି । ସେ ୨୦ଟି ଛକା ଖାଇଛନ୍ତି । ତାଙ୍କ ନାମରେ ଏକ ଅଲୋଡ଼ା ରେକର୍ଡ ଲେଖାଯାଇଛି । ଯାହାକି କେଣସି ବୋଲର କେବେ ଭାବିବେ ନାହିଁ ।

ସେପଟେ ଏହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ଶତକ କରିଛନ୍ତି ବ୍ୟାଟ୍ସମ୍ୟାନ । ପୂର୍ବରୁ ଗୋଟିଏ ଟି-୨୦ ବିଶ୍ୱକପରେ ୨ରୁ ଅଧିକ ଶତକ ବ୍ୟାଟ୍ସମ୍ୟାନ ମାରିନଥିଲେ । ମାତ୍ର ଚ଼ଳିତ ବିଶ୍ୱକପରେ ୭ଟି ଶତକ ହାସଲ କରିଛନ୍ତି ବ୍ୟାଟ୍ସମ୍ୟାନ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିଛି । ବହୁ ବଡ଼ ବଡ଼ ଦଳମାନଙ୍କୁ ଛୋଟ ଛୋଟ ଦଳମାନେ ଅଡୁଆରେ ପକାଇଛନ୍ତି । ଅଷ୍ଟ୍ରେଲିଆ ଭଳି ଦଳକୁ ଜିମ୍ବାଓ୍ୱେ ହରାଇଥିଲା । ଆଉ ଏହି ଶକ୍ତିଶାଳି ଦଳ ସୁପର-୮ରୁ ବାଦ ପଡ଼ିଥିଲା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**